


# ଇଣ୍ଡେଲ ମନି ଲିମିଟେଡ୍ ସୁରକ୍ଷିତ, ରିଡିମେବଲ୍ ଅଣ-ପରିବର୍ତ୍ତନୀୟ ଋଣ (ଏନସିଡିଏସ)ର ଷଷ୍ଠ ସାର୍ବଜନୀନ ଇସ୍ୟୁ ଘୋଷଣା କଲା

ଭୁବନେଶ୍ୱର: ସୁନା ଋଣ କ୍ଷେତ୍ରରେ ଏକ ଅଣ-ଜମା ଗ୍ରହଣକାରୀ ଅଣ-ବ୍ୟାଙ୍କିଙ୍ଗ ଆର୍ଥିକ କମ୍ପାନୀ ("ଏନବିଏଫସି") ଇଣ୍ଡେଲ ମନି ଲିମିଟେଡ୍, ୧,୦୦୦ ପ୍ରତ୍ୟେକ ମୂଲ୍ୟର ସୁରକ୍ଷିତ ଏନସିଡିର ଷଷ୍ଠ ସାର୍ବଜନୀନ ଇସ୍ୟୁ ଘୋଷଣା କରିଛି। ଏହି ଇସ୍ୟୁ ଅକ୍ଟୋବର ୧୩, ୨୦୨୫ ରେ ଖୋଲିବ ଏବଂ ଅକ୍ଟୋବର ୨୮, ୨୦୨୫ ରେ ବନ୍ଦ ହେବ (ଅଧିକ ସବସ୍କ୍ରିପସନ କ୍ଷେତ୍ରରେ ଶୀଘ୍ର ବନ୍ଦ କରିବାର ବିକଳ୍ପ ସହିତ)।ଏହି ଅବସରରେ ଇଣ୍ଡେଲ ମନିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏବଂ ସିଇଓ ଉମେଶ ମୋହନନ କହଲେ, ଆମେ ବଜାରରୁ ଟଙ୍କା ସଂଗ୍ରହ କରିବା ବିଷୟରେ ବହୁତ ଆଶାବାଦୀ କାରଣ ନିବେଶକମାନେ ଆମର ପୂର୍ବ ସାର୍ବଜନୀନ ପ୍ରସଙ୍ଗଗୁଡ଼ିକରେ ଗଭୀର ଆଗ୍ରହ ଦେଖାଇଥିଲେ। ସେମାନଙ୍କର ଆମର ବ୍ୟବସାୟ ମଡେଲ, ଅଭିବୃଦ୍ଧି ସମ୍ଭାବନା, ଲାଭଦାୟକ ଆଶା ଏବଂ ଶାସନ ସଂସ୍କୃତି ଉପରେ ଦୃଢ଼ ବିଶ୍ୱାସ ଅଛି। ଆମର ମୂଳ ଶକ୍ତିକୁ ବ୍ୟବହାର କରି ଏବଂ ସାରା ଦେଶରେ ଆମର ଉପସ୍ଥିତିକୁ ବିସ୍ତାର କରି ଆମେ ସୁନା ଋଣ କ୍ଷେତ୍ରରେ ଆମର ନେତୃତ୍ୱକୁ ସୁଦୃଢ଼ କରିବାକୁ ପ୍ରତିବଦ୍ଧ। ଆମେ ଶାଖାଗୁଡ଼ିକର ଏକ ବ୍ୟାପକ ନେଟୱାର୍କ ମାଧ୍ୟମରେ ଆମର ଋଣ ପୋର୍ଟଫୋଲିଓକୁ ବୃଦ୍ଧି କରିବା ଜାରି ରଖିଥିବାରୁ, ଲାଭଦାୟକତା ବୃଦ୍ଧି ଉପରେ ଆମର ଧ୍ୟାନ ଅକ୍ଷୁର୍ଣ୍ଣ ରହିବ। ଆମେ ଗ୍ରାମୀଣ ଏବଂ ଅର୍ଦ୍ଧ-ସହରୀ ବଜାରରେ ଅପାର ସୁଯୋଗ ଦେଖୁଛୁ ଯେଉଁଠାରେ ଆମେ ନିର୍ଭରଯୋଗ୍ୟ, ସ୍ୱଚ୍ଛ ଏବଂ ଅସୁବିଧାମୁକ୍ତ ଆର୍ଥିକ ସମାଧାନ ସହିତ ବ୍ୟକ୍ତି ଏବଂ କ୍ଷୁଦ୍ର ବ୍ୟବସାୟଗୁଡ଼ିକୁ ସେବା ଯୋଗାଇବାକୁ ଲକ୍ଷ୍ୟ ରଖିଛୁ।ସୁରକ୍ଷିତ ଏନସିଡିଗୁଡ଼ିକ ପ୍ରତ୍ୟେକ ୧,୦୦୦ ର ମୂଲ୍ୟ ସହିତ ଆସିଥାଏ। ଇସ୍ୟୁରେ ୧୫୦ କୋଟି ପର୍ଯ୍ୟନ୍ତ ପରିମାଣ ପାଇଁ ଏକ ମୂଳ ଇସ୍ୟୁ ଆକାର ଅନ୍ତର୍ଭୁକ୍ତ, ଯେଉଁଥିରେ ୩୦୦ କୋଟି ପର୍ଯ୍ୟନ୍ତ ଓଭରସବସ୍କ୍ରିପସନ୍ ବଜାୟ ରଖିବାର ବିକଳ୍ପ ରହିଛି। ଇସ୍ୟୁର ଲିଡ୍ ମ୍ୟାନେଜରମାନେ ହେଉଛନ୍ତି ଇନକ୍ରେଡ୍ କ୍ୟାପିଟାଲ୍ ଫାଇନାନ୍ସିଆଲ୍ ସର୍ଭିସେସ୍ ଲିମିଟେଡ୍ ଏବଂ ଟ୍ରଷ୍ଟ ଇନଭେଷ୍ଟମେଂଟ ଆଡଭାଇଜର୍ସ ପ୍ରାଇଭେଟ୍ ଲିମିଟେଡ୍ ସହିତ ଲିଡ୍ ବ୍ରୋକର୍ସ, ଟ୍ରଷ୍ଟ ଏବଂ ମୋତିଲାଲ ଓସୱାଲ।ଏହି ଇସ୍ୟୁ ମାଧ୍ୟମରେ ସଂଗୃହିତ ପାଣ୍ଠି ପରବର୍ତ୍ତୀ ଋଣ, ଆର୍ଥିକକରଣ ଏବଂ କମ୍ପାନୀର ଋଣ ଉପରେ ମୂଳ ଏବଂ ସୁଧର ପରିଶୋଧ/ପୂର୍ବ ପରିଶୋଧ (ଅତିକମରେ ୭୫%) ଏବଂ ସାଧାରଣ କର୍ପୋରେଟ୍ ଉଦ୍ଦେଶ୍ୟ(ସର୍ବାଧିକ ୨୫% ପର୍ଯ୍ୟନ୍ତ) ପାଇଁ ବ୍ୟବହାର କରାଯିବ।ଅନିଟ୍ ଆୟ ପ୍ରଥମେ ଉପରୋକ୍ତ ଉଦ୍ଦେଶ୍ୟଗୁଡ଼ିକ ପାଇଁ ବ୍ୟବହାର କରାଯିବ। ସେବି ଏନସିଏସ୍ ନିୟମାବଳୀ ଅନୁଯାୟୀ ମୋଟ ଆୟର ୨୫% ଅତିକ୍ରମ ନକରିବା ପାଇଁ ବଳକା ଅଂଶ ସାଧାରଣ କର୍ପୋରେଟ୍ ଉଦ୍ଦେଶ୍ୟ ପାଇଁ ବ୍ୟବହାର କରିବାକୁ ପ୍ରସ୍ତାବିତ।ଇଣ୍ଡେଲ୍ ମନି ଲିମିଟେଡ୍ର ୩୦ ଜୁନ୍, ୨୦୨୫ ସୁଦ୍ଧା ମୋଟ ୨,୬୯୦ କୋଟି ପରିଚାଳନା ଅଧୀନରେ ସମ୍ପତ୍ତି (ଇଟଗ) ରହିଛି। ସ୍ୱର୍ଣ୍ଣ ଋଣ ଋଣ ପୋର୍ଟଫୋଲିଓର ୯୧.୮୨% ପର୍ଯ୍ୟନ୍ତ ଗଠନ କରେ। ୩୦ ସେପ୍ଟେମ୍ବର, ୨୦୨୫ ସୁଦ୍ଧା, ଘଣ୍ଟରଉର ହରିୟାଣା, ଉତର ପ୍ରଦେଶ, ଦିଲ୍ଲୀ, ମଧ୍ୟପ୍ରଦେଶ, ଓଡ଼ିଶା, ମହାରାଷ୍ଟ୍ର, କର୍ଣ୍ଣାଟକ, କେରଳ, ତାମିଲନାଡୁ, ଆନ୍ଧ୍ର ପ୍ରଦେଶ, ତେଲେଙ୍ଗାନା, ଆଣ୍ଡାମାନ ଏବଂ ନିକୋବର, ଗୁଜରାଟ, ରାଜସ୍ଥାନ ଏବଂ କେନ୍ଦ୍ରଶାସିତ ଅଂଚଳ ପୁଡୁଚେରୀରେ ୩୬୬ଟି ଶାଖାର ନେଟୱାର୍କ ରହିଛି।

# ୭୧ତମ ବନ୍ୟପ୍ରାଣୀ ସପ୍ତାହ ପାଳନ ଉତ୍ସବ କାଠକଟାଠାରେ ଅନୁଷ୍ଠିତ

ଆନନ୍ଦପୁର : ଜଙ୍ଗଲ ସୁରକ୍ଷା ଆମର ରକ୍ଷା ଜଙ୍ଗଲ ସୁରକ୍ଷା ହେଲେ ଜୀବଜନ୍ତୁ ସୁରକ୍ଷା ହେବ । କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବନ୍ୟପ୍ରାଣୀ ବନଖଣ୍ଡ ହଦଗଡ଼ ବନାଞ୍ଚଳ ପକ୍ଷରୁ କାଠକଟା ସେକ୍ସନ ଠାରେ ୭୧ ତମ ବନ୍ୟପ୍ରାଣୀ ସପ୍ତାହ ପାଳନ ହେଇଯାଇଛି । ଏଥିରେ ବନଖଣ୍ଡ ଅଧିକାରୀ ପ୍ରଶାନ୍ତ କୁମାର ପଣ୍ଡା, ସହକାରୀ ବନଅଧିକାରୀ ଅଶୋକ କୁମାର ବିଶ୍ୱାଳ, ହଦଗଡ଼ ବନାଞ୍ଚଳ ଅଧିକାରୀ ମାର୍ଶାଲ କିସ୍କୁ ଅତିଥିଭାବେ ଯୋଗଦେଇ ଥିଲେ ।ମହା ପ୍ରଭୁ ଙ୍କ ଶ୍ରୀ ଜଗନ୍ନାଥଙ୍କ ଫଟୋ ଚିତ୍ରରେ ପୁଷ୍ପ ମାଲ୍ୟ ଏବଂ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଆରମ୍ଭ କରିଥିଲେ। ତେବେ ଏଥିରେ କାଠକଟା ସେକ୍ସନର ସମସ୍ତ ବନ ସୁରକ୍ଷା ସମିତିର ସଦସ୍ୟା ଏବଂ ସୋୟଂ ସହାୟକ ସଦସ୍ୟା ମାନେ ଯୋଗଦେଇ ନିଜ ନିଜର ବନ୍ୟ ପ୍ରାଣୀ ଙ୍କ ଉପରେ ବନ ସୁରକ୍ଷା ଉପରେ



ନିଜର ମତ ପ୍ରକାଶ କରିଥିଲେ ।ଉପସ୍ଥିତ ଅତିଥି ମାନେ ବନ୍ୟପ୍ରାଣୀ ସପ୍ତାହ ଉପରେ କିଭଳି ସଚେତନ ହୋଇ ଜଙ୍ଗଲ ର ସୁରକ୍ଷା ନେଇ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶତାଧିକ ବନ ସୁରକ୍ଷା ସମିତିର ମା ମାନେ ଯୋଗ ଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।ଏହି କାର୍ଯ୍ୟକ୍ରମ ରେ କାଠକଟା ଫରେଷ୍ଟର ଲକ୍ଷ୍ମୀଧର କିସ୍କୁ ହଦଗର ଫରେଷ୍ଟର ମଳୟ କୁମାର ସାହୁ ସହଯୋଗ କରିଥିଲେ ।

# କନିଷ୍ଠ ଯନ୍ତ୍ରୀଙ୍କ ବ୍ଲକରେ ଅନୁପସ୍ଥିତି ଯୋଗୁଁ ଉନ୍ନତି କାର୍ଯ୍ୟ ବାଧିତ

ଆନନ୍ଦପୁର : ହାଟଡିହି ବ୍ଲକ ରେ ପ୍ରତି ଗ୍ରାମ ପଞ୍ଚାୟତ ଉର୍ନତି ମୂଳକ କାର୍ଯ୍ୟ



ଟେଣ୍ଡର କାର୍ଯ୍ୟ ଚାଲୁ ଥିବା ବେଳେ ।କନିଷ୍ଠ ଯନ୍ତ୍ରୀ ବିଜୟ କୁମାର ମଲ୍ଲିକ ଓ ରବୀନ୍ଦ୍ର ନାଥ ସୋରେନ ହାଟଡିହି ବ୍ଲକ ରେ ପାଦପଡୁନାହିଁ ।ହାଟଡିହି ବ୍ଲକ ରେ ବାଓମେଟ୍ରିକାଲ ମେସିନ ଥିବାବେଳେ ବାଓମେଟ୍ରିକାଲ ମେସିନ ରେ ଯନ୍ତ୍ରୀ ଟିପ ଦେଉଛନ୍ତି କି ନାହିଁ ତାହା ଯାଞ୍ଚ ହେଉଛି କି ନାହିଁ ତାହା ପ୍ରଶ୍ନ ବାଚୀ ସୃଷ୍ଟି କରୁଛି ।ବି ଡି ଓ ରଞ୍ଜନ କୁମାର ପରିଡା ଙ୍କୁ ଯନ୍ତ୍ରୀ ଙ୍କ ଅନୁପସ୍ଥିତ ନେଇ ଅଭିଯୋଗ କଲେ ମଧ୍ୟ କୌଣସି କାରଣ ଦର୍ଶାହ ପଦକ୍ଷେପ ନେଇ ନାହାନ୍ତି ।ହାଟଡିହି ବ୍ଲକ ର ଏହିଭଳି ଅବହେଳା ଯନ୍ତ୍ରୀ ଙ୍କୁ କିଭଳି ରଖାଯାଇଛି ଉର୍ନତି ର ପଥ କେଉଁଠି କରାଯାଇଛି ପ୍ରଶ୍ନ ବାଚୀ ସୃଷ୍ଟି କରୁଛି ।ହାଟଡିହି ବ୍ଲକ ରେ ଅନେକ ଠିକାଦାର ଟେଣ୍ଡର ପାଇ କାର୍ଯ୍ୟ ସାରିବା ବେଳେ କନିଷ୍ଠ ଯନ୍ତ୍ରୀଙ୍କ ଏଭଳି ଆପସେଣ୍ଟ ପାଇଁ ଚିନ୍ତା ରେ ଠିକାଦାର ହାତ ବାନ୍ଧି ବସି ରହିଛନ୍ତି ।କନିଷ୍ଠ ଯନ୍ତ୍ରୀ ଫୋନ ରେ ଯୋଗାଯୋଗ କଲେ ଉତ୍ତର ମିଳି ପାରୁନାହିଁ ।ଏଭଳି ଖାମ ଖିଆଲି କନିଷ୍ଠ ଯନ୍ତ୍ରୀଙ୍କୁ ନେଇ ଚର୍ଚ୍ଚା ବିଷୟ ପାଲଟିଛି । ଆଗାମୀ ଦିନରେ ଏଭଳି କନିଷ୍ଠ ଯନ୍ତ୍ରୀଙ୍କ ଆପସେଣ୍ଟ ରେ ଠିକାଦାର ଅର୍ଥ ପାଇବାରୁ ବଞ୍ଚିତ ଅଛନ୍ତି ।ସାଧାରଣ ନାଗରିକ ଦାବୀ ଅନୁଯାଇ ଆନନ୍ଦପୁର ଉପଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ ପଡୁଛି ।

# ନିର୍ମାଣାଧୀନ କଲଭର୍ଟରେ ଲାଗୁଛି ଶହ ଶହ ମୂଲ୍ୟବାନ ଶାଳ କାଠ, ବନ ବିଭାଗ ଜାଣିଶୁଣି ଚୁପ୍

ଫିରିଙ୍ଗିଆ : ସରକାର ପରିବେଶ ବଞ୍ଚାଅ ଜୀବନ ବଞ୍ଚାଅ ନାରା ଦେବା ସହ ବୃକ୍ଷ ରୋପଣକୁ ଗୁରତ୍ୱ ଦେଇ ଓଡିଶାର କୋଣେ ଅନୁକୋଣେ ବୃକ୍ଷ ରୋପଣ କରାଉଛନ୍ତି ।ଏଇ କିଛି ଦିନ ତଳେ ଆମ ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିଜ ୭୫ ତମ ଜନ୍ମଦିନରେ ସମଗ୍ର ଓଡିଶାରେ ୭୫ ଲକ୍ଷ ଗଛ ଲଗେଇବାକୁ ସଂକଳ୍ପ କରି ଚାରା ରୋପଣ କରିଥିଲେ । ଓଡିଶାର ପ୍ରତ୍ୟେକ ସରକାରୀ ଓ ବେସରକାରୀ ଅନୁଷ୍ଠାନ ସମେତ ବିଭିନ୍ନ କାର୍ଯ୍ୟାଳୟ ପରିସରରେ ଚାରା ରୋପଣ କରାଯାଇଛି । ହେଲେ ଗୋଟେ ପଟେ ସରକାର ଚାରା ରୋପଣ ଓ ତାର ଯନ୍ତ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଅନ୍ୟପଟେ ବନ ବିଭାଗର କର୍ମଚାରୀ ମାନଙ୍କ ଦ୍ୱାରା ରକ୍ଷଣ ବେକ୍ଷଣ ଅଭାବ ଓ ଲମ୍ପଟ ସ୍ୱଭା ଯୋଗୁଁ କୋଟି କୋଟି ଟଙ୍କାର ମୂଲ୍ୟବାନ ଗଛ ସବୁ ହଣା ହୋଇ ଜଙ୍ଗଲ ନଷ୍ଟ ହେବାରେ ଲାଗିଛି । ଏଭଳି ଏକ ଦୃଶ୍ୟ ସାମ୍ନାକୁ ଆସିଛି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକର ନୂଆଁପଦର ପଂଚାୟତରୁ,କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ନୂଆଁପଦର ପଂଚାୟତ ଅନ୍ତର୍ଗତ ନୂଆଁପଦର - ମତିଙ୍ଗିଆ ଦେଇ



ପାଙ୍ଗୀ ମାହା ରାସ୍ତାରେ ନିର୍ମିତ ହେଉଥିବା କଲଭର୍ଟରେ ସେଣ୍ଟିଂ ପାଇଁ ବ୍ୟବହାର କରାଯାଇଛି ଶହ ଶହ ମୂଲ୍ୟବାନ ଶାଳ କାଠ । ସ୍ଥାନୀୟ ଫରେଷ୍ଟର ଜାଣିଶୁଣି ଚୁପ । ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି । ଗ୍ରାମ୍ୟ ନିର୍ମାଣ ବିଭାଜନ ଫୁଲବାଣୀ ପକ୍ଷରୁ ନିର୍ମିତ ହେଉଥିବା ନୂଆଁପଦର ଠାରୁ ମତିଙ୍ଗିଆ-ପାଙ୍ଗୀ ମାହା ପ୍ରଧାନମନ୍ତ୍ରୀ ସଡ଼କରେ ସ୍ଥାନେ ସ୍ଥାନେ କଲଭର୍ଟ ସବୁ ନିର୍ମିତ ହେଉଛି ଆଉ ଏହି ନିର୍ମାଣଧୀନ କଲଭର୍ଟ ରେ ସେଣ୍ଟିଂ ପାଇଁ ବ୍ୟବହାର ହେଉଛି ମୂଲ୍ୟବାନ ଶହ ଶହ ଶାଳ ବଳି । ଯାହା ଏବେ ସ୍ଥାନୀୟ ଅଂଚଳରେ ଚର୍ଚ୍ଚାର ବିଷୟ ପାଲଟିଛି ।ଏ ବିଷୟରେ କାମ ତଦାରଖ କରୁଥିବା ସୁପରଭାଇଜର ଙ୍କୁ ପଚାରିବାରୁ ସେ କାଠ ସବୁ ଗାଁ ଲୋକଙ୍କ ଠାରୁ କିଣାହୋଇଛି ବୋଲି କହିଥିବା ବେଳେ ଠିକାଦାର ସନ୍ଦୀପ ପାଣଗ୍ରାହୀ ଙ୍କୁ ପଚାରିଲେ ଏସ ଡିଓ ଙ୍କୁ ପଚାର ବୋଲି କହିଛନ୍ତି । ଏନେଇ ଫିରିଙ୍ଗିଆ ବନାଞ୍ଚଳ ଅଧିକାରୀ ପ୍ରଦୋଶ ମହାରଣା ଙ୍କୁ ପଚାରିବାରୁ ସେଇଠି ଯଦି ଶାଳ କାଠ ସବୁ ଲାଗିଛି ତେବେ ସରକାରଙ୍କ ଧାର୍ଯ୍ୟ ମୂଲ୍ୟ ଅନୁଯାୟୀ ଠିକାଦାର ଠାରୁ ଜୋରିମାନା ଆଦାୟ କରାଯିବ ବୋଲି କହିଛନ୍ତି ।ତେବେ ଏଇଠି ସବୁଠାରୁ ବଡ଼ ପ୍ରଶ୍ନ ଉଠୁଛି, ସ୍ଥାନୀୟ ବନପାଳ ଅଧିକାରୀଙ୍କ କାର୍ଯ୍ୟାଳୟ ଠାରୁ ମାତ୍ର ୨ କିଲୋମିଟର ଦୂରରେ ଏହି କଲଭର୍ଟ କାମ ଚାଲିଥିବା ବେଳେ ସ୍ଥାନୀୟ ବନପାଳ ଜାଣିପାରୁନାହାନ୍ତି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।ତେବେ ଦେଖିବାକୁ ବାକି ରହିଲା, ଏ ଖବର ପ୍ରସାରଣ ପରେ ବନ ବିଭାଗ କଣ ପଦକ୍ଷେପ ନେଉଛନ୍ତି ?

# ବେଆଇନି ବାଲିଘାଟ ପାଇଁ ମୂଲ୍ୟବାନ ଗଛକଟାକୁ ଗ୍ରାମବାସୀଙ୍କ ବିରୋଧ

ଆନନ୍ଦପୁର : ବେଆଇନି ବାଲିଘାଟ ପାଇଁ ରାସ୍ତା ନିର୍ମାଣ ବେଳେ ମୂଲ୍ୟବାନ ଗଛ କାଟାକୁ ଗ୍ରାମବାସୀଙ୍କ ବିରୋଧ। ଏପରି ଘଟଣା ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ କରଗୋଳା ବୈତରଣୀ ବାଲିଘାଟ ନିକଟରେ। ପୂର୍ବରୁ ଏଠାରେ ଲିଜ ବାଲିଘାଟ ଥିବାବେଳେ ପ୍ରଶାସନ ପକ୍ଷରୁ ତାହାକୁ ଏବେ ଲିଜ ଦିଆ ଯାଇ ନାହିଁ। ଗ୍ରାମବାସୀ ମାନେ ଜଙ୍ଗଲ ବିଭାଗ ସହଯୋଗରେ ୨୦୧୭ ମସିହାରେ ହଜାର ହଜାର ଗଛ ଲଗାଇ ଏକ ସୁନ୍ଦର ଗ୍ରାମ୍ୟ ଜଙ୍ଗଲ ସୃଷ୍ଟି କରିଥିଲେ। କିନ୍ତୁ କିଛି ବ୍ୟକ୍ତି ବେଆଇନ ଭାବେ ବାଲି ଉତ୍ତୋଳନ କରିବାକୁ ଏବେ ରାସ୍ତା ନିର୍ମାଣ କରୁଛନ୍ତି। ଗ୍ରାମବାସୀଙ୍କ ଅଜାଣତରେ ଗତ କାଲି ରାତିରେ ପଚାଶରୁ ଉର୍ଦ୍ଧ ଶାଗୁଆନ, ଶିଶୁ, ଆକାଶିଆ ଆଦି ଗଛକୁ ଓପାଡି ଦେଇଛନ୍ତି। ଏପରିକି ଅନେକ ଗଛକୁ



ଓପାଡି ନଦୀରେ ଭସାଇ ଦେଇଥିବା ଜଗବନ୍ଧୁ ଜେନା, ମୁରଲୀ ସେଠୀ, ଲକ୍ଷ୍ମୀନାରାୟଣ ନନ୍ଦ, ଜଗତ ନାରାୟଣ ଜେନା, ମହେନ୍ଦ୍ର ପଣ୍ଡଷ, ଅନ୍ତର୍ଯ୍ୟାମୀ ସାହୁ, ନଟବର ମହାରଣା, ବେଣୁ ଜେନା , ଶ୍ରୀଧର ଜେନା, ଗଣେଶ ଜେନା, ଗୋପାଳ ସେଠୀ, ଶୁକଦେବ ପଣ୍ଡା,ସୁବାଷ ଜେନା, କିଶୋର ଜେନା, ନାରାୟଣ ଓଝା, ନଟବର ବେହେରା, ଅଲେଖ ଜେନା, ନରହରି ପତି, ପରୀକ୍ଷିତ ଜେନା, ବଳରାମ ପଣ୍ଡା, କ୍ଷୀରୋଦ ସାହୁ, ନୀଳମଣି ଜେନା,ନରହରି ଜେନା ପ୍ରମୁଖ ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି। ଯାହାକୁ ନେଇ ଆଜି ଶତାଧିକ ଗ୍ରାମବାସୀ ଏକଜୁଟ ହୋଇ ଏପରି ବେଆଇନ ବାଲିଘାଟକୁ ବନ୍ଦ କରିବା ସହିତ ମୂଲ୍ୟବାନ ଗଛ ଓପାଡି ଥିବା ଓ ନଷ୍ଟ କରିଥିବା ଦୁର୍ବୃତ୍ତଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି।

# ଉଓମ, ଉଦେପାଲି ଗ୍ରାମରେ ମା' ଗଜଲକ୍ଷ୍ମୀଙ୍କ ପୂଜା ଓ କଳସ ଯାତ୍ରା ଉତ୍ସବ

ଅମ୍ବାଭୋନା : ବରଗଡ ଜିଲ୍ଲା ଅମ୍ବାଭୋନା ବ୍ଲକ ଅଧୀନରେ ଥିବା ଉଦେପାଲି ଗ୍ରାମରେ ମା' ଗଜଲକ୍ଷ୍ମୀଙ୍କ ପୂଜା ଓ କଳସ ଯାତ୍ରା ଧାର୍ମିକ ଉତ୍ସାହ, ଭକ୍ତି ଓ ଆନନ୍ଦ ଉଲ୍ଲାସରେ ପାଳିତ ହୋଇଯାଇଛି। ଗ୍ରାମର ମଙ୍ଗଳ, ସମୃଦ୍ଧି ଓ ଆସ୍ଥା ପାଇଁ ଆୟୋଜିତ ଏହି ପୂଜା ଓ ଯାତ୍ରାରେ ଶତାଧିକ ଭକ୍ତ ଓ ଗ୍ରାମବାସୀ ଅଂଶଗ୍ରହଣ କରିଥିଲେ। ଭବ୍ୟ କଳସ ଯାତ୍ରା ଅବସରରେ ଗ୍ରାମ ପରିସର ମା'ଙ୍କ ଭକ୍ତିଗୀତ, ଶଙ୍ଖଧ୍ୱନି ଓ ଦୀପପ୍ରଜ୍ୱଳନରେ ପରିପୂର୍ଣ୍ଣ ହୋଇଯାଇଥିଲା। ଲେଥେର ଗ୍ରାମ ସମ୍ପ୍ରଦାର ନୃତ୍ୟ ଓ ଗାନ ଏହି ଉତ୍ସବକୁ ଆହୁରି ଆକର୍ଷଣୀୟ କରିଦେଇଥିଲା। ପୂଜାର ମୁଖ୍ୟ ପଣ୍ଡିତ ଅଶୋକ ଦାଶ, ସହପଣ୍ଡିତ ଗଙ୍ଗାରାମ ଦାଶ ଓ ଦିଲ୍ଲୀପ ଦାଶ ଯଜ୍ଞକାର୍ଯ୍ୟ ସଫଳତାର ସହିତ ସମ୍ପନ୍ନ କରିଥିଲେ। କର୍ତ୍ତା ଭାବେ କୃଷ୍ଣ ଚନ୍ଦ୍ର ପଧାନ ଓ ସହଧର୍ମିଣୀ ପୁଷ୍ପାଞ୍ଜଳି ପଧାନ, ଭଗବାନ ପଧାନ ଓ ତପସ୍ୱିନୀ ପଧାନ, ଟେକମଣୀ ଦୁଆନ ଓ ହିରାବତୀ ଦୁଆନ, ଟେକଚନ ଦୁଆନ ଓ ରାଧିକା ଦୁଆନ, ଏବଂ କୃଷ୍ଣ ଭୁଏ ଓ କସ୍ତୁରୀ ଭୁଏ ନିଜ ପରିବାର ସହିତ ଉପସ୍ଥିତ ରହିଥିଲେ।ଏହି ଅବସରରେ ଅଟଳ ଚାରିଟେବୁଲ ଟ୍ରଷ୍ଟ ର ସଭାପତି ଶିବାଜୀ ପଟେଲ ମଧ୍ଯ ଯୋଗଦେଇ ମା' ଗଜଲକ୍ଷ୍ମୀଙ୍କ ଆଶୀର୍ବାଦ ଗ୍ରହଣ କରିଥିଲେ। ସେ କହିଲେ — "ମା' ଗଜଲକ୍ଷ୍ମୀ ଆସ୍ଥା ଓ ଶ୍ରଦ୍ଧାର ପ୍ରତୀକ। ଏପରି ଉତ୍ସବ ଗ୍ରାମର ସାମାଜିକ ସଂଘବଳକୁ



ଆହୁରି ମଜବୁତ କରେ।"ପୂଜା କମିଟିର ସଭାପତି ଓମପ୍ରକାଶ ଭୋଇ, ସମ୍ପାଦକ ଅଜିତ ସା, କୋଷାଧ୍ୟକ୍ଷ ସୋମନାଥ ସାହୁ, ଯୁଗ୍ମ ସମ୍ପାଦକ ଦୁର୍ଯ୍ୟୋଧନ ସେଠ ଓ ଉପସଭାପତି ଚୈତନ୍ୟ ପଧାନଙ୍କ ନେତୃତ୍ୱରେ ସମଗ୍ର ଉତ୍ସବ ଶାନ୍ତିପୂର୍ଣ୍ଣ ଓ ସଫଳ ଭାବରେ ଅନୁଷ୍ଠିତ ହୋଇଥିଲା।

# ଟୟୋଟା କିର୍ଲୋସ୍କର ମୋଟର ସେପ୍ଟେମ୍ବର ୨୦୨୫ରେ ୩୧,୦୯୧ ୟୁନିଟ୍ ବିକ୍ରି କରିଛି

ବେଙ୍ଗାଲୁରୁ : ଟୟୋଟା କିର୍ଲୋସ୍କର ମୋଟର (TKM) ଆଜି ସେପ୍ଟେମ୍ବର ୨୦୨୫ ପାଇଁ ଏହାର ବିକ୍ରୟ ଫଳାଫଳ ଘୋଷଣା କରିଛି: ମାସ ବୃଦ୍ଧିରେ ମାସ: ସେପ୍ଟେମ୍ବର ୨୦୨୫ VS ସେପ୍ଟେମ୍ବର ୨୦୨୪ଧ ସମୟ ସୀମା ସେପ୍ଟେମ୍ବର ୨୦୨୫ ସେପ୍ଟେମ୍ବର ୨୦୨୪ ଅଭିବୃଦ୍ଧି Y-o-Y ୩୧,୦୯୧ ୟୁନିଟ୍ ୨୬,୮୪୭ ୟୁନିଟ୍ ୧୬% ଏହି ସଂଖ୍ୟା ୨୭,୦୮୯ ଘରୋଇ ବିକ୍ରୟକୁ ଅନ୍ତର୍ଭୁକ୍ତ କରିଛି, ୪,୦୦୨ ୟୁନିଟ୍ ବିକ୍ରି ହୋଇଛି। ଆର୍ଥିକ ବର୍ଷ ଅଭିବୃଦ୍ଧି: ଏପ୍ରିଲ୍ - ସେପ୍ଟେମ୍ବର ୨୦୨୫ ବନାମ ଏପ୍ରିଲ୍ - ସେପ୍ଟେମ୍ବର ୨୦୨୪ଧ ସମୟ ସୀମା ଏପ୍ରିଲ୍ - ସେପ୍ଟେମ୍ବର ୨୦୨୫ ଏପ୍ରିଲ୍ - ସେପ୍ଟେମ୍ବର ୨୦୨୪ ଅଭିବୃଦ୍ଧି ପ୍ରଥମ ୬ ମାସ ଋଣ ୧,୮୪,୯୫୯ ୟୁନିଟ୍ ୧,୬୨,୬୨୩ ୟୁନିଟ୍ ୧୪% ମୁଖପାତ୍ର କୋଟ: "ଭାରତ ସରକାରଙ୍କ ଜିଏସ୍ଟି ସଂସ୍କାର ଏବଂ ଉତ୍ସବର season ଋତୁ ଆରମ୍ଭ ହେତୁ ବଜାର ଭାବନା ବୃଦ୍ଧି ପାଇଛି। ଛକଗ ରେ ଆମେ ଗ୍ରାହକଙ୍କୁ ଜିଏସ୍ଟିର ସମ୍ପୂର୍ଣ୍ଣ ଲାଭ ଦେଇଛୁ, ଯାହା ଆମ ପୋର୍ଟଫୋଲିଓରେ ଚାହିଦାକୁ ଆହୁରି a has ଦେଇଛି। ବର୍ତ୍ତମାନ, ଆମର ପ୍ରାଥମିକତା



ହେଉଛି ସମୟାନୁବର୍ତ୍ତୀ ବିତରଣକୁ ସୁନିଶ୍ଚିତ କରିବା ଯାହା customers ଗ୍ରାହକମାନେ ନିଜ ପସନ୍ଦର ଟୟୋଟା ରେ ଉତ୍ସବ ପାଳନ କରିପାରିବେ, ଏହି ଶରବଶ୍ୱକ୍ଷଭ ତୁକୁ ପ୍ରକୃତରେ ସ୍ୱତନ୍ତ୍ର କରି ପାରିବେ "ବରିନ୍ଦର ୱାଡୱା, ଉପରାଷ୍ଟ୍ରପତି, ବିକ୍ରୟ-ସେବା-ବ୍ୟବହୃତ କାର ବ୍ୟବସାୟ ସେପ୍ଟେମ୍ବରରେ ପ୍ରମୁଖ ମାଇଲଖୁଣ୍ଟଗୁଡ଼ିକ: ସମସ୍ତ ପ୍ରକାରରେ six ଟି ଏୟାରବ୍ୟାଗ ମାନକ ତିଆରି କରି ବର୍ଦ୍ଧିତ ସୁରକ୍ଷା features ବୈଶିଷ୍ଟ୍ୟ ସହିତ ନୂତନ ରୁମିଅନର ପରିଚୟ । ଗ୍ରାହକଙ୍କୁ ପୂର୍ଣ୍ଣ ଜିଏସ୍ଟି ସୁବିଧା ପ୍ରଦାନ କରି, TKM ଯାନବାହାନରେ ମୂଲ୍ୟ ହ୍ରାସ କଲା।

# କଳାହାଣ୍ଡି ଜିଲ୍ଲାସ୍ତରୀୟ କପା କ୍ରୟ କମିଟିର ବୈଠକ

ଭବାନୀପାଟଣା : କଳାହାଣ୍ଡି ଜିଲ୍ଲାସ୍ତରୀୟ କପା କ୍ରୟ କମିଟି ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହଠାରେ ଜିଲ୍ଲାପାଳ ପାତ୍ତ୍ୱାର ସଚିନ ପ୍ରକାଶ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସମସ୍ତଙ୍କୁ ସ୍ୱାଗତ ଜଣାଇ ଆଗାମୀ କପା ସଂଗ୍ରହ ପାଇଁ ଜିଲ୍ଲା ପ୍ରଶାସନ ନେଇଥିବା ଆବଶ୍ୟକ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ । ବୈଠକରେ ନିଷ୍ପତି କ୍ରମେ ଆସନ୍ତା ନଭେମ୍ବର ୨୬ ତାରିଖରୁ ଜିଲ୍ଲାର ୨ ଟି କପା ମଣ୍ଡି ଯଥା - ଭବାନୀପାଟଣା ବ୍ଲକ ସ୍ଥିତ କର୍ଲାପଡା ଏବଂ କେସିଙ୍ଗା ବ୍ଲକ ସ୍ଥିତ ଉକଲ୍ଲୋ ଠାରେ କପା ସଂଗ୍ରହ ପ୍ରକ୍ରିୟା




ଆରମ୍ଭ କରାଯିବ ଏବଂ ଗୋଲାମୁଣ୍ଡା ବ୍ଲକ ସ୍ଥିତ ଉଛଲା ମଣ୍ଡିକୁ ବନ୍ଦ କରି ସେ ଅଞ୍ଚଳର କପା ଚାଷୀ ମାନଙ୍କୁ କର୍ଲାପଡା ମଣ୍ଡିରେ କପା ବିକ୍ରୟ କରିବା ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ଚଳିତ ବର୍ଷ କପା ବିକ୍ରୟ ପାଇଁ ଅନଲାଇନ ପଞ୍ଜୀକରଣ ଶେଷ ତାରିଖ ଅକ୍ଟୋବର ୩୧ ତାରିଖ ଥିବାବେଳେ ବର୍ତ୍ତମାନ ସୁଦ୍ଧା କମ ସଂଖ୍ୟକ କପା ଚାଷୀ ମଣ୍ଡିରେ କପା ବିକ୍ରୟ ପାଇଁ ପଞ୍ଜୀକରଣ କରିଛନ୍ତି ତେଣୁ କିପରି ଅଧିକ ରୁ ଅଧିକ ଚାଷୀ ଅନଲାଇନ ମାଧ୍ୟମରେ ପଞ୍ଜୀକରଣ କରିବେ ସେଥିପାଇଁ ଚାଷୀ ମାନଙ୍କୁ ସଚେତନ କରିବା ପାଇଁ ସମସ୍ତ ସମ୍ପାଦକ, ଆର୍.ଏମ୍.ସି. ଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଚଳିତ ୨୦୨୫-୨୬ ବର୍ଷରେ ମଧ୍ୟମ ଧରଣର କପା କ୍ୱିଣ୍ଟାଲ ପିଛା ଟ. ୭,୭୧୦ ଏବଂ ଉଚ୍ଚ ଧରଣର କପା କ୍ୱିଣ୍ଟାଲ ପିଛା ଟ. ୮,୧୧୦ ଟଙ୍କା ସରକାର ଧାର୍ଯ୍ୟ କରିଛନ୍ତି ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୫, ଅକ୍ଟୋବର ୧୨

# ଅପରାଧ ତରିକାରେ ପରିବର୍ତନ


ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ଦେଶରେ ଅପରାଧର ହାର ନେଇ ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ(ଏନସିଆରବି)ର ୨୦୨୩ ରିପୋର୍ଟରେ ଯେଉଁ ତଥ୍ୟ ପ୍ରକାଶ ପାଇଛି, ତାହା ଯେତିକି ଚିନ୍ତାଜନକ, ସେତିକି ଉଦ୍‌ବେଗଜନକ ବୋଲି କୁହାଯାଇପାରିବ । ଏନସିଆରବିର ରିପୋର୍ଟ ଅନୁଯାୟୀ ଅପରାଧର ତରିକା (ଢାଂଚା)ରେ ସାମାନ୍ୟ ପରିବର୍ତନ ଘଟିଛି । କିନ୍ତୁ ଅପରାଧ ହ୍ରାସ ପାଇନାହିଁ । ୨୦୨୨ରେ ୨୪ ମିଲିଅନ ଅପରାଧ ଘଟଣା ଘଟିଥିଲା, ଯାହାକି ପୂର୍ବ ବର୍ଷ ତୁଳନାରେ ୭.୨ ପ୍ରତିଶତ ଅଧିକ । ଦେଶରେ ହତ୍ୟା ଓ ଦୁଷ୍କର୍ମ ପରି ଅପରାଧ କମିଥିବା ସୂଚନା ମିଳିଥିବାବେଳେ ଜାଲିଆତି, ଠକେଇ, ଠକେଇ ଖାମଖିଆଲ ଗାଡି ଚାଳନା ଏବଂ ସାଇବର ଅପରାଧ ବୃଦ୍ଧି ପାଇଛି । ସାଇବର ଅପରାଧ ୩୧.୨ ପ୍ରତିଶତ ବୃଦ୍ଧି ପାଇଛି । ସେହିପରି ନାଗରିକମାନଙ୍କୁ ଠକିବା, ଯୌନ, ନିର୍ଯ୍ୟାତନା ଓ ଶୋଷଣ ଭଳି ଘଟଣାମାନ ମଧ୍ୟ ବଢ଼ିଛି । ତେବେ ସବୁଠୁ ଉଦ୍‌ବେଗଜନକ ହେଉଛି, ଶିଶୁମାନଙ୍କ ବିରୋଧରେ ଅପରାଧ ବୃଦ୍ଧି । ପୂର୍ବବର୍ଷ ତୁଳନାରେ ଶିଶୁ ବିରୋଧି ହିଂସା, ଅପରାଧିକ କାର୍ଯ୍ୟକଳାପ ୯.୨ ପ୍ରତିଶତ ବୃଦ୍ଧି ପାଇଛି । ଯେଉଁଠାରେ କି କେବଳ ୪୦ ହଜାରରୁ ଅଧିକ ଶିଶୁ, ଦୁଷ୍କର୍ମ ଘଟଣା ଘଟିଥିବାବେଳେ ଶିଶୁମାନଙ୍କୁ ଯୌନ ନିର୍ଯ୍ୟାତନା, ଯୌନହିଂସା ଏବଂ ପର୍ଣ୍ଣଗ୍ରଫି ବ୍ୟବହାର ଘଟଣାମାନ ମଧ୍ୟ ଉଦ୍‌ବେଗଜନକ ହାରରେ ବୃଦ୍ଧି ପାଇଛି । ସେହିପରି ଅନୁସୂଚିତ ଜାତି(ଏସସି) ବିରୋଧି ହିଂସା ମାତ୍ର ୦.୪ ପ୍ରତିଶତ ବଢ଼ିଥିବାବେଳେ ଅନୁସୂଚିତ ଜନଜାତି (ଏସଟି) ବିରୁଦ୍ଧରେ ଅପରାଧିକ ମାମଲା ୨୮.୮ ପ୍ରତିଶତ ବୃଦ୍ଧି ପାଇଛି । ତେବେ ଅନୁସୂଚିତ ଜନଜାତି (ଏସଟି) ବିରୁଦ୍ଧରେ ଅପରାଧ କେବଳ ମଣିପୁରରେ ମୈତ୍ରେଇ ଓ କୁକି ସମ୍ପ୍ରଦାୟ ମଧ୍ୟରେ ଜାତିଆଣ ସଂଘର୍ଷ ଘଟଣାରୁ ବୃଦ୍ଧି ପାଇଥିବା କୁହାଯାଏ । ମଣିପୁର ହିଂସାରେ ଉଭୟ ସମ୍ପ୍ରଦାୟରୁ ୨୬୦ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ପ୍ରାୟ ୬୦ହଜାର ଜନଜାତି ଲୋକ ବାସଚ୍ୟୁତ ହୋଇଥିଲେ । ସେହିପରି ହତ୍ୟା ଭଳି ଘଟଣା ମଧ୍ୟ ସାମାନ୍ୟ ହ୍ରାସ ପାଇଛି । ଜାତୀୟ ରାଜଧାନୀ ଦିଲ୍ଲୀରେ ସର୍ବାଧିକ ୫୦୩ ହତ୍ୟାକାଣ୍ଡ ଘଟଣା ଘଟିଥିବାବେଳେ ଏହା ପଛକୁ ବେଙ୍ଗାଲୁର, ଜୟପୁର ରହିଛି । କୋଲକତା, ମୁମ୍ବାଇ ଏବଂ ଚେନ୍ନେଇ ପରି ସହର ସୁରକ୍ଷିତ ବୋଲି ରିପୋର୍ଟରେ କୁହାଯାଇଛି କିନ୍ତୁ ସମଲିଙ୍ଗୀ ଦଣ୍ଡଯୋଗ୍ୟ ଅପରାଧ ୧୮ପ୍ରତିଶତ ବୃଦ୍ଧି ପାଇଛି । ତେବେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି ମହିଳା ବିରୋଧ ହିଂସା ମାତ୍ର ୦.୭ ପ୍ରତିଶତ ବୃଦ୍ଧି ପାଇଛି । ତେବେ ଏହା ଆଦୌ ଅଧିକ ନୁହେଁ ବୋଲି କୁହାଯାଇପାରେ । କଠୋର ଆଇନ, ବ୍ୟାପକ ସଚେତନତା ଏବଂ ଗଣମାଧ୍ୟମର ଉଦ୍ୟମ ସତ୍ୱେ ଦେଶରେ ମହିଳା ବିରୋଧି ହିଂସାର ସଂଖ୍ୟା କମିନାହିଁ । ଆହୁରି ମଧ୍ୟ ଦୁଷ୍କର୍ମ ଉଦ୍ୟମ ଏବଂ ଦୁଷ୍କର୍ମ ଘଟଣା କମିଛି । ଦେଶରେ ଦୁଷ୍କର୍ମ ଅପରାଧ ପୂର୍ବବର୍ଷ ତୁଳନାରେ ୫.୯ ପ୍ରତିଶତ ହ୍ରାସ ପାଇଛି । ସେହିପରି ଯୌତୁକ ଜନିତ ମୃତ୍ୟୁ ଘଟଣା ୪,୪୮,୨୧୧କୁ ହ୍ରାସ ପାଇଛି ସତ କିନ୍ତୁ ଏବେ ବି ଏଭଳି ଅପରାଧ ଚିନ୍ତାଜନକ ସ୍ଥିତିରେ ରହିଥିବା ରିପୋର୍ଟରେ କୁହାଯାଇଛି । ତେବେ ଭାରତୀୟ ପିଙ୍ଗଳ କୋଡ ଆଇପିସିର ଧାରା ୪୯(ଏ) ଅନୁଯାୟୀ ଦେଶରେ ସର୍ବାଧିକ ମହିଳା ବିରୋଧି ହିଂସା ଅପରାଧ ଘଟିଛି । ସ୍ୱାମୀ ଓ ସମ୍ପର୍କୀୟଙ୍କ ଦ୍ୱାରା ଏଭଳି ମହିଳା ବିରୋଧ ହିଂସା ଘଟି ବା ରିପୋର୍ଟ କହେ ରିପୋର୍ଟରେ ଆହୁରି କୁହାଯାଇଛି ଯେ ଜାତୀୟ ରାଜଧାନୀ ଦିଲ୍ଲୀ ଯେଉଁଠାରେ ଆଇନଶୃଙ୍ଖଳା କେନ୍ଦ୍ର ସରକାରଙ୍କ ହାତରେ ରହିଛି । ସେଠାରେ ମହିଳାମାନେ ସୁରକ୍ଷିତ ନୁହେଁ । ମୋଟାମୋଟି ଭାବେ କହିବାକୁ ଗଲେ ଦିଲ୍ଲୀ ମହିଳାଙ୍କ ପାଇଁ ସବୁଠୁ ଅସୁରକ୍ଷିତ ସହର ଆହୁରି ମଧ୍ୟ ଉତରପ୍ରଦେଶରେ ସର୍ବାଧିକ ତଥା ୬୬,୭୮୧ଟି ମହିଳା ବିରୋଧି ଅପରାଧ ଘଟଣା ଘଟିଛି । ଉତରପ୍ରଦେଶ ପଛକୁ ମହାରାଷ୍ଟ୍ର ଦ୍ୱିତୀୟ ଓ ରାଜସ୍ଥାନ ତୃତୀୟ ସ୍ଥାନରେ ରହିଛି । ପଶ୍ଚିମବଙ୍ଗ ଚତୁର୍ଥସ୍ଥାନରେ ରହିଥିବାବେଳେ ସେଠାରେ ୩୪,୬୯୧ଟି ମହିଳା ବିରୋଧି ଅପରାଧ ଘଟଣା ଘଟିଛି । ଏହା ନିସନ୍ଦେହ ଯେ, ମହିଳାଙ୍କୁ ନ୍ୟାୟ ଏବଂ ସ୍ୱାଧୀନତା ଏବେ ବି ବହୁଦୂରରେ ରହିଛି । ଦେଶରେ ଲିଙ୍ଗଗତ ସମାନ ଅଧିକାର ପାଇଁ ସମ୍ବିଧାନର ନିର୍ଦ୍ଦେଶ ଥିବା ଏବଂ କଠୋର ଆଇନ ଓ ଦଣ୍ଡବିଧାନ ଥିବା ସତ୍ୱେ ପୁରୁଷ ପ୍ରଧାନ ଭାରତରେ ମହିଳାମାନେ ଏବେ ବି ଅବହେଳିତ, ନିର୍ଯ୍ୟାତିତ ଅବସ୍ଥାରେ ଅଛନ୍ତି । ଏହା ସତ୍ୟ ଯେ. ଆଇନ କାର୍ଯ୍ୟକାରୀତାରେ ଶିଥିଳତା ଏବଂ ଲୋକମାନଙ୍କ ଅପରିବର୍ତନୀୟ ମନୋଭାବ ମହିଳା ବିରୋଧି ହିଂସା, ଅପରାଧ ବୃଦ୍ଧି ପାଇଁ ଦାୟୀ । ଅପରାଧ ରୋକିବା ପାଇଁ ବ୍ୟାପକ ଉଦ୍ୟମ ଆବଶ୍ୟକ । ଅନ୍ୟଥା ଏନସିଆରବି ତାର ଆଗାମୀ ବାର୍ଷିକ ରିପୋର୍ଟରେ ପୁଣି ନିରୁତ୍ସାହଜନକ ତଥ୍ୟର ସମ୍ଭାବନା ଏଡାଇ ଦିଆଯାଇନପାରେ ।

*ସମ୍ମାନ ଭବନ,*
*ପ୍ଲଟ ନଂ-୫୮/୩୫୮୧,*
*ଗାଙ୍ଗୋତ୍ରୀ ନଗର,*
*ରୋଡ ନଂ-୩, ଶିଶୁପାଳଗଡ,*
*ମୋବାଇଲ ନଂ-୭୯୭୮୬୬୬୪୦୩*

# ସଂଗୀତ ସମ୍ରାଟ 'ଖୋକା ଭାଇ'


ଇନ୍ଦୁ ଭୂଷଣ ଭୂୟାଁ (ବାଦଲ)

ଆଧୁନିକ ଓଡ଼ିଆ ସଂଗୀତର କିମ୍ବଦନ୍ତୀ ପୁରୁଷ ଅକ୍ଷୟ ମହାନ୍ତି, ସମସ୍ତଙ୍କର ଅତିପ୍ରିୟ ଖୋକାଭାଇ । ପିଲା ଦିନରୁ ବଡ଼ ଭଉଣୀଙ୍କ ସଂଗୀତ ଶିକ୍ଷା ତଥା ରେଡ଼ିଓରେ ବାଜୁଥିବା ହିନ୍ଦୀ କଥାଚିତ୍ର ଗୀତର ଯାଦୁକରୀ ପ୍ରଭାବ ତାଙ୍କ ଉପରେ ପଡ଼ିଥିଲା । ୧୯୪୮ରେ ଆକାଶ ବାଣୀର ପ୍ରତିଷ୍ଠା ଦିବସରେ ଜଣେ ଶିଶୁ ଶିଳ୍ପୀ ଭାବେ ଗୀତ ଗାଇଥିଲେ । ଏହା ଥିଲା ସଂଗୀତ କ୍ଷେତ୍ରରେ ଅକ୍ଷୟଙ୍କ ପ୍ରଥମ ପ୍ରବେଶ । ୧୯୫୬ରେ ରେଭେନ୍ସା ମହାବିଦ୍ୟାଳୟରୁ ଗଣିତରେ ସ୍ନାତକ ଓ ୧୯୫୭ରେ ମଧୁସୂଦନ ଆଇନ କଲେଜରୁ ଏଲଏଲ୍‌ବି ଉତୀର୍ଣ୍ଣ ହୋଇଥିଲେ । ୧୯୫୮ରେ ମାଆ ଚଳଚ୍ଚିତ୍ରରୁ ଆରମ୍ଭ ହୋଇଥିଲା ଉଭୟ ଗାୟକ ଓ ଗୀତିକାର ଜୀବନ । ପରେ ଶ୍ରୀ ଲୋକନାଥ ଚଳଚ୍ଚିତ୍ରରେ ଗୀତ ଗାଇଥିଲେ । ୧୯୬୬ରେ ମୁକ୍ତିଲାଭ କରିଥିବା ମଲାଜହ୍ନ ଚଳଚ୍ଚିତ୍ରରେ ସଂଗୀତ ନିର୍ଦ୍ଦେଶନା ସହ ଅଂଶୀଦାର ପ୍ରଯୋଜକ ଥିଲେ । ଅକ୍ଷୟଙ୍କ ଗୀତ ଓ ଗୀତି କବିତା ସଂଖ୍ୟା ଅନେକ । ଜୀବନକାଳ ମଧ୍ୟରେ ଶହେ ଅଣତିରିଶ ଚଳଚ୍ଚିତ୍ରର ଗୀତ ଗାନ, ବୟାନବେ ଚଳଚ୍ଚିତ୍ରରଗୀତ ରଚନା ଓ ପଂସ୍ତରି ଚଳଚ୍ଚିତ୍ରର ସଂଗୀତ ନିର୍ଦ୍ଦେଶନା ଦେଇଥିଲେ । ଆଧୁନିକ, ଚମ୍ପୁ, ଓଡ଼ିଶୀ, ଲଘୁ ସଂଗୀତ, ଗଜଲ ଆଦି ପନ୍ଦର ହଜାରରୁ ଅଧିକ ଗୀତ ସେ ଗାଇଛନ୍ତି ।

କେବଳ ସଂଗୀତ ନୁହେଁ ସାହିତ୍ୟ କ୍ଷେତ୍ରରେ ମଧ୍ୟ ସେ ଅପ୍ରତିଦ୍ୱନ୍ଦ୍ୱୀ ସ୍ରଷ୍ଟା । ତାଙ୍କ ଦ୍ୱାରା ଲିଖିତ ଗଳ୍ପ ସଂକଳନ ବିଚରା, ନଗ୍ନ ମୋନାଲିସା, ଅନେଶତ ରାଣୀ, ଉପନ୍ୟାସ ଗୋଟିଏ କୁହୁ ଅନେକ ଉହୁ, ଅଫେରା ନଦୀ, ନୁନ୍ ସୋ, ଗାୟକ, ବାମପନ୍ଥୀ, ଗୀତି ଗ୍ରନ୍ଥ ଏଇ କଥା ରହିଲା, ଗୀତି, ମଧୁଶାଳା ଆଦି ଅନ୍ୟତମ । ଆର୍ଯ୍ୟଦାସର ଆତ୍ମଲିପି ତାଙ୍କର ଆତ୍ମଚରିତ । ଓଡ଼ିଆ ସଂଗୀତ କ୍ଷେତ୍ରରେ କିମ୍ବଦନ୍ତୀ ସଂଗୀତ ସାଧକ ଅକ୍ଷୟ ମହାନ୍ତିଙ୍କ ଅବଦାନ ଚିରସ୍ମରଣୀୟ ହୋଇରହିବ । କେବଳ ଜଣେ ଗାୟକ ନୁହେଁ ସଂଗୀତ ଲେଖକ, ନିର୍ଦ୍ଦେଶକ ଭାବେ ତାଙ୍କର ସୁପରିଚିତ ରହିଛି । ଅନେକ କାଳଜୟୀ ଓ ଶିକ୍ଷଣୀୟ ଓଡ଼ିଆ ଚଳଚ୍ଚିତ୍ରରେ ସେ ତାଙ୍କ ସ୍ୱତନ୍ତ୍ର ଛାପ ଛାଡ଼ି ଯାଇଛନ୍ତି । ଚଳଚ୍ଚିତ୍ର ସଂଗୀତ ସହ ସେ ସମୟର ବେତାର ସଂଗୀତରେ ତାଙ୍କର ଅନେକ ସ୍ମରଣୀୟ ସଂଗୀତ ଆଜିବି ଗୁଞ୍ଜରିତ ହେଉଛି । କଟକ ସହର ଶେଖ୍‌ବଜାରର ଅନ୍ତର୍ଗତ ଭୋଲାମିଆଁ ବଜାର ଥିଲା ତାଙ୍କ ସଂଗୀତ ସାଧନା ଓ ଶେଷ ଜୀବନର କର୍ମକ୍ଷେତ୍ର । ସଂଗୀତ ସମ୍ରାଟ ଅକ୍ଷୟ ମହାନ୍ତି ୧୯୩୭ ଅକ୍ଟୋବର ୧୨ ତାରିଖ ଦିନ କଟକ ସହରରେ ଜନ୍ମ ଗ୍ରହଣ କରିଥିଲେ ।

*ପ୍ରତିଷ୍ଠାତା, ସମ୍ପାଦକ 'ସିଂହଭୂମ୍', ପୁରୁଣା ସୋନାରି, ଜାମସେଦପୁର,*
*ଦୂରଭାଷ : ୭୪୮୮୯୯୮୫୩୨*

# ଲିଭର ଓ ଫାଇବ୍ରୋସ୍କାନ୍


ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଲିଭର ବା ଯକୃତ (କଲିଜା) ଶରୀରର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ । ଏହା ଶରୀରର ସବୁଠାରୁ ବଡ଼ଗ୍ରନ୍ଥି । ପେଟଭିତର ମଧ୍ୟ ଭାଗର ଡାହାଣ ପଟକୁ ମଧ୍ୟଚ୍ଛଦାର ଠିକ୍ ତଳକୁ ଯକୃତ ରହିଥାଏ । ପଞ୍ଜରାହାଡ଼ ଭିତରେ ଏହା ସୁରକ୍ଷିତ ଅବସ୍ଥାରେ ରହିଥାଏ । ଏହାର ଲମ୍ବ ୨୦ସେ.ମି., ଓସାର ୧୬ ସେ.ମି. ଓ ଉଚ୍ଚତା ପ୍ରାୟ ୧୨ ସେ.ମି., ଓଜନ ପ୍ରାୟ ଦେଢ଼ରୁ ଦୁଇ କି.ଗ୍ରା । କଲିଜା ହେଉଛି ଶରୀରର ଏକ ରାସାୟନିକ ବିଜ୍ଞାନାଗାର । ଏକ ସମୟରେ ଏହା ବହୁତ ପ୍ରକାରର ରାସାୟନିକ କାର୍ଯ୍ୟ କରିଥାଏ । ଶରୀରରେ ନଷ୍ଟ ହେଉଥିବା ଲୋହିତ ରକ୍ତକଣିକାରୁ ହିମୋଗ୍ଲୋବିନ (ଲୋହିତ ରକ୍ତ କଣିକା ମଧ୍ୟରେ ଥିବା ଲୌହ ଓ ପୁଷ୍ଟିସାର ଅଂଶ) ବାହାର କରି ତାକୁ ଭାଙ୍ଗି ପୁଣି ନୂଆ ହିମୋଗ୍ଲୋବିନ ହେବା ପାଇଁ ଉପାଦାନ ସୃଷ୍ଟି କରିଥାଏ । ରକ୍ତ ଜମାଟ ବାନ୍ଧିବା ପାଇଁ ଯେଉଁ ଉପାଦାନର ଆବଶ୍ୟକତା ରହିଛି ଯଥା ପ୍ରୋଥ୍ରୋମ୍ବିନ ଓ ଫିବ୍ରିନୋଜେନ୍ ତାହା ଯକୃତରେ ହିଁ ତିଆରି ହୁଏ । ପିତ କ୍ଷରଣ ହେଉଛି ଯକୃତର ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ । ଖାଦ୍ୟ ପାକସ୍ଥଳୀରୁ ଗ୍ରହଣୀ ମଧ୍ୟକୁ ପ୍ରବେଶ କରିବା ସମୟରେ ପିତନଳୀ ଭିତରୁ ପିତତ ଆସି ଖାଦ୍ୟ ସହିତ ମିଶି ପାଚନ କ୍ରିୟାରେ ସାହାଯ୍ୟ କରେ । ରକ୍ତରେ ଗ୍ଳୁକୋଜର ପରିମାଣ ଅଧିକ ହେଲେ ଯକୃତ ଏହାକୁ ଗ୍ଲାଇକୋଜେନ୍‌ରେ ପରିଣତ କରି ନିଜ ଭିତରେ ସଂଚୟ କରି ରଖେ । ଉପବାସ ସମୟରେ ରକ୍ତରୁ ଗ୍ଳୁକୋଜର ପରିମାଣ କମିଗଲେ ଯକୃତ ଗ୍ଲାଇକୋଜେନ୍‌କୁ ଗ୍ଳୁକୋଜରେ ପରିଣତ କରି ଶର୍କରାର ଭାରସାମ୍ୟ ରକ୍ଷା କରେ ।

ଯକୃତ ବା କଲିଜାରେ ତନ୍ତୁ ଜମିଗଲେ ପ୍ରଦାହ ବା କ୍ଷତ ହୋଇ ସଂଯୋଜକ ତନ୍ତୁରେ ମୋଟାଦାଗ ଜମିଗଲେ ଏହା ଯକୃତର କାର୍ଯ୍ୟକ୍ଷମତାକୁ କମାଇ ଦିଏ । ଅତ୍ୟଧିକ ମଦ୍ୟପାନ, ଚର୍ବି ଜାତୀୟ ଖାଦ୍ୟ, ହେପାଟାଇଟିସ୍ 'ବି', 'ସି' ଓ 'ଡି' ସଂକ୍ରମଣ, ମଧୁମେହ, ପିତକୋଷ ରୋଗ କିମ୍ବା ଅତ୍ୟଧିକ ଲୌହକଣା ଜମିଗଲେ ଲିଭରରେ ସୂତ୍ରତନ୍ତୁମୟତା ସୃଷ୍ଟି ହୁଏ ଓ ଯକୃତ ସଂକୁଚିତ ହୋଇ ଉପରିଭାଗରେ ଛୋଟ ଛୋଟ ଫୁଲା ବା ଗ୍ରନ୍ଥିକା ସୃଷ୍ଟି ହୋଇ ସିରୋସିସ୍ ରୋଗରେ ରୂପାନ୍ତରିତ ହୁଏ । ଏହି ସୂତ୍ରତନ୍ତୁମୟତାକୁ ମାପିବା ପାଇଁ ଲିଭରରୁ ଜୀବନ୍ତତନ୍ତୁ ନେଇ ପରୀକ୍ଷା କରାଯାଏ । ଏକ ଛୁଂଚ ସାହାଯ୍ୟରେ ଯକୃତରୁ ଏକ ଛୋଟ ଅଂଶ କାଟିନେଇ ଅଣୁବୀକ୍ଷଣ ଯନ୍ତ୍ର ସାହାଯ୍ୟରେ ପରୀକ୍ଷା କରାଯାଏ । କିନ୍ତୁ ଏହା ଏକ କଷ୍ଟକର ପରୀକ୍ଷା ଓ ବେଳେବେଳେ ଆଭ୍ୟନ୍ତରୀଣ ରକ୍ତକ୍ଷରଣ ମାଧ୍ୟମରେ ରୋଗୀ ଅଧିକ କଷ୍ଟପାଏ । ତେଣୁ ଲିଭରକୁ କ୍ଷତି ନକରି ବା କୌଣସି ପ୍ରକାର ଛୁଂଚ ଦ୍ୱାରା ଜୀବନ୍ତ ତନ୍ତୁ ନ ନେଇ ଫାଇବ୍ରୋସ୍କାନ ମାଧ୍ୟମରେ ଏହି ସୂତ୍ରତନ୍ତୁମୟତାକୁ ମାପିହେବ । ଏହା ଏକ ଅତ୍ୟଧିକ ସୂକ୍ଷ୍ମମାନର ଯନ୍ତ୍ର । ଅଲଟ୍ରାସାଉଣ୍ଡର ଶଳାକା (ପ୍ରୋବ୍) ପରି ଏହାର ମଧ୍ୟ ଏକ ଶଳାକା ଥାଏ ଯାହାକି ଡାହାଣ ଛାତିର ନିମ୍ନଭାଗରେ ରଖି ବୋତାମ ଚିପିଲେ କଲିଜାର କଠିନତା ସମ୍ବନ୍ଧରେ ମାପିହୁଏ । କମ୍ପ୍ୟୁଟର ମାଧ୍ୟମରେ ଏହି ତଥ୍ୟକୁ ପର୍ଯ୍ୟବେକ୍ଷଣ କଲାପରେ ପରଦାରେ ଏହାର ମାନ ଲିଖିତ ଆକାରରେ ଦେଖାଯାଏ । ଦଶ ମିନିଟ ଭିତରେ ଏହି ପରୀକ୍ଷା ଶେଷ ହୁଏ । ଏଥିରେ କୌଣସି କଷ୍ଟ ହୁଏନାହିଁ ବା ରକ୍ତ ବାହାରେ ନାହିଁ । ଏହି ପରୀକ୍ଷା ପୂର୍ବରୁ ଖାଲି ପେଟ ରହିବା ଜରୁରୀ । ଅତ୍ୟଧିକ ମୋଟା ବ୍ୟକ୍ତି, ଯେଉଁମାନଙ୍କ ପେଟରେ ପାଣି ଜମିଯାଇଛି, ବୟସ୍କ ବ୍ୟକ୍ତିମାନଙ୍କର ଫାଇବ୍ରୋସ୍କାନ୍ ଠିକ୍ ଭାବରେ କରିହୁଏ ନାହିଁ । ଯେଉଁମାନଙ୍କର ହୃତ୍‌ପିଣ୍ଡରେ ପେସ୍‌ମେକର ବା ଗତିଚାଳକ ଲାଗିଛି ବା ଗର୍ଭବତୀ ମହିଳାମାନଙ୍କର ଫାଇବ୍ରୋସ୍କାନିଂ ପରୀକ୍ଷା ନିଷେଧ । ଫାଇବ୍ରୋସ୍କାନିଂ ମାଧ୍ୟମରେ ପେଟର ଅନ୍ୟାନ୍ୟ ଅଙ୍ଗ ଯଥା ଅଗ୍ନ୍ୟାଶୟ, ପ୍ଲୀହା, ଜରାୟୁ ଓ ଖାଦ୍ୟନଳୀ ପରୀକ୍ଷା ହୋଇପାରେ ନାହିଁ । ଯକୃତର ଜଟିଳତା ବ୍ୟତୀତ ଅନ୍ୟ କୌଣସି ଅଙ୍ଗକୁ ପରୀକ୍ଷା କରିବା ଏହି ଫାଇବ୍ରୋସ୍କାନରେ ସମ୍ଭବ ନୁହେଁ । ଏହି ଫାଇବ୍ରୋସ୍କାନିଂ ମାଧ୍ୟମରେ ଯକୃତର ତନ୍ତୁମୟତା ବା ଜଟିଳତା ଜଣା ପଡ଼ିଲେ ରୋଗୀ ସହଜରେ ସଚେତନ ହୁଏ । ତନ୍ତୁମୟତା ଯେତେ ବେଶୀ ହୁଏ ଲିଭରର କର୍ମ କ୍ଷମତା ମଧ୍ୟ ସେତେ ପରିମାଣରେ ବ୍ୟାହତ ହୁଏ ଓ ଧୀରେ ଧୀରେ ଏହା ସିରୋସିସ୍ ରୋଗରେ ଆକ୍ରାନ୍ତ ହୁଏ । ଜନସାଧାରଣଙ୍କର ସଚେତନତା ବୃଦ୍ଧି ହେଲେ ସେମାନେ ମଦ୍ୟପାନ, ଚର୍ବିଜାତୀୟ ଖାଦ୍ୟରୁ ବିରତ ଓ ହେପାଟାଇଟିସ୍ ସଂକ୍ରମଣ ସମ୍ବନ୍ଧର ଚିକିତ୍ସା କରିବାକୁ ଆଗେଇ ଆସନ୍ତି । ସହଜ ପାଚ୍ୟ ନିରାମିଷ ଖାଦ୍ୟ ଓ କିଛି ସମୟ ବ୍ୟାୟାମ ମାଧ୍ୟମରେ ଲିଭରର ସ୍ୱାସ୍ଥ୍ୟ ମଧ୍ୟ ରକ୍ଷା କରିହେବ ।

ଅବସର ପ୍ରାପ୍ତ ପ୍ରଫେସର, ହେପାଟାଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ

# ସ୍ୱାସ୍ଥ୍ୟକୁ ସଞ୍ଜିବନୀ : ଉଷୁମ ପାଣି


ଡାକ୍ତର ଗୁରୁପଦ ମିଶ୍ର

ମା'ଦଶଭୁଜାଙ୍କ ପାର୍ବଣର ଆଗମନ ପୂର୍ବରୁ ଲଗାଣ ବର୍ଷା ନେଇ ସମ୍ଭାବନାର ଆକଳନ ବଢ଼ିଛି । ପ୍ରାୟତଃ କୌଣସି ପାର୍ବଣ ଭିତରେ ବର୍ଷା କେବଳ ମଜାମସ୍ତି ବା ଦେବୀ ଦୁର୍ଗାଙ୍କ ଦର୍ଶନକୁ ବାଧାପ୍ରାପ୍ତ କରିନଥାଏ ବରଂ ଅନେକ ପ୍ରକାର ପରିପାର୍ଶ୍ୱିକ କାରଣରୁ ସ୍ୱାସ୍ଥ୍ୟଗତ ସମସ୍ୟା ଜଟିଳ ପରିସ୍ଥିତି ସୃଷ୍ଟି କରିଥାଏ । ଦଶହରା ପରେ ଶୀତ ଦିନ ଆସିଥାଏ । ତେବେ ଏ ସବୁ ଭିତରେ ଲଗାଣ ବର୍ଷା ଓ ଲଘୁଚାପ ସମସ୍ୟା ଭିତରେ ନିଜ ଦୈନନ୍ଦିନ ରୁଟିନ ଭିତରେ ଉଷୁମ ପାଣିର ଗ୍ରହଣୀୟତାକୁ ଅଗ୍ରାଧିକାର ଭାବେ ବୁଝନ୍ତୁ । ପ୍ରାୟତଃ ଅସ୍ୱାଭାବିକ ଜନିତ ଓ ପାଣିପାଗର ଆକସ୍ମିକ ବର୍ଷା ସମ୍ଭାବନା ଭିତରେ ଉ□ମ ଶରୀର ପାଇଁ ଉଷୁମ ପାଣିର ଅନିର୍ବାଯ୍ୟତା ଗୁରୁତ୍ୱପୂର୍ଣ୍ଣ । ସୁସ୍ଥ ଶରୀର ପାଇଁ ଦିନକୁ ୩-୪ ଲିଟର ପାଣି ଆବଶ୍ୟକ । ଏହା ସାଙ୍ଗକୁ ସକାଳୁ ଏକ ଲିଟରରୁ କମ (ସର୍ବନିମ୍ନ ଏକ ଗ୍ଲାସ) ଉଷୁମ ପାଣି ଶରୀରର ଯାବତୀୟ ସମସ୍ୟାକୁ ଦୂର କରି ଏକଦମ୍ ଫିଟ ରଖିବାରେ ସହାୟକ ହୋଇଥାଏ । ଏଥିପାଇଁ କୌଣସି ଖର୍ଚ୍ଚାନ୍ତ ହେବାକୁ ପଡ଼ିବନି କି ପରିଶ୍ରମ କରିବାକୁ ପଡ଼ିବନି । କେବଳ ଦୁଇ ମିନିଟ ପାଣି ଉଷୁମ କରି ଏହାକୁ ପିଇବେ ଆଉ ସୁସ୍ଥ ରହିବେ । ଉଷୁମ ପାଣିରେ କି କି ସମସ୍ୟା ଦୂର ହୋଇପାରିବ ଏବେ ଜାଣିବା...

ପାଚନ କ୍ରିୟା ସୁଦୃଢ଼ : ଶରୀରର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହେଉଛି ଲିଭର ବା ଯକୃତ । ଏହା ଖାଦ୍ୟ ହଜମ କରିବା ସହ ପାଚନ କ୍ରିୟାକୁ ତ୍ୱରାନ୍ୱିତ କରିଥାଏ ତେବେ ଖାଦ୍ୟ ବଦହଜମି ଜନିତ ସମସ୍ୟା ଥିଲେ ଉଷୁମ ପାଣି ପାଚନ କ୍ରିୟାର ଗ୍ରନ୍ଥୀକୁ ତ୍ୱରାନ୍ୱିତ ଓ ସୂଚାରୁରୂପେ କାର୍ଯ୍ୟ କରିବା ପାଇଁ ସାମର୍ଥ୍ୟ ଯୋଗାଇଥାଏ । ନିତିଦିନିଆ ସକାଳ ରୁଟିନରେ ନିଶ୍ଚିନ୍ତ ଭାବରେ ଉଷୁମ ପାଣି ଏକ ହାତ ପାଖର ମହୌଷଧି କହିଲେ ଅତ୍ୟୁକ୍ତି ହେବନାହିଁ । ଉଷୁମ ପାଣି ଦ୍ୱାରା ଛାତିର ଜଳାପୋଡ଼ା ସମସ୍ୟା ଦେଖା ଦେଇନଥାଏ ଏବଂ ପାଚନ କ୍ରିୟା ପାଇଁ ଏକ ସୁରକ୍ଷା ବଳୟ ଉଷୁମ ପାଣି ଯେ କରିଥାଏ ତାହା ଅନେକ ଜାଣିନଥାନ୍ତି ।

ଉତମ ଶ୍ୱାସକ୍ରିୟା : ଶ୍ୱାସକ୍ରିୟା ନଳୀକୁ ସଫା ରଖିବାରେ ଉଷୁମ ପାଣି ସହାୟକ ହୋଇଥାଏ । ଥଣ୍ଡାରୁ କଫ ଜମି ଶ୍ୱାସକ୍ରିୟାରେ ଅସୁବିଧା ହେଲେ ଉଷୁମ ପାଣି ପିଇବା ଦ୍ୱାରା ଏହି ସମସ୍ୟା ଦୂର ହୋଇଯାଏ । ଉଷୁମ ପାଣି ବଦଳରେ ମଧ୍ୟ କଡ଼ା କରି ପିଇପାରିବେ । ଗଳା ଜନିତ ସଂକ୍ରମଣରୁ ରକ୍ଷା ପାଇବା ପାଇଁ ଲୁଣ ମିଶା ଉଷୁମ ପାଣି ଗର୍ଗଲିଂ କରନ୍ତୁ । ତେବେ ଶୋଇବା ପୂର୍ବରୁ ରାତିରେ ଏହି ଅଭ୍ୟାସ କେବଳ ଶରୀରକୁ ଆରାମ ଦେଇନଥାଏ ବରଂ ଆପଣଙ୍କ ନିଦ୍ରାକୁ ଏକ ନିଶ୍ଚିନ୍ତ ଆନନ୍ଦମୟ କରିବା ସହ ଶ୍ୱାସକ୍ରିୟାରେ କୌଣସି ସମସ୍ୟା ସୃଷ୍ଟି କରିବାର ସୁଯୋଗ ଦେଇନଥାଏ ।

ଓଜନ ହ୍ରାସ : ବର୍ତମାନ ସମୟରେ ଶରୀରର ମୋଟାପଣକୁ ନେଇ ଅନେକଙ୍କ ପରିବାରରେ ସମସ୍ୟା ରହିଛି । କେହି ନା କେହି ବର୍ତମାନର କୁହାଯାଉଥିବା ବହୁଳ ଆଦୃତ ମୋଟାପା ସମସ୍ୟାକୁ ନେଇ ବ୍ୟକ୍ତିଗତ ଜୀବନରେ ଅନେକ ଅସହଜ ସାମ୍ନା କରୁଛନ୍ତି । ଅନେକ ରାତାରାତି ଓଜନ ହ୍ରାସ ପାଇଁ ଅନ୍ୟ ମାନଙ୍କ ପ୍ରରୋଚନାରେ ନାନାଦି ଠକାମୀର ମଧ୍ୟ ଶିକାର ହେଉଛନ୍ତି । ତେବେ ଶରୀରର ଓଜନ କମ କରିବା ପାଇଁ ଡାଏଟିଂରେ ଉଷୁମ ପାଣିକୁ ନିଶ୍ଚିନ୍ତ କରନ୍ତୁ । ଶରୀରର ସାମାନ୍ୟ ତାପମାତ୍ର ବଢ଼ାଇବାରେ ଉଷୁମ ପାଣି ସହଯୋଗ କରିବା ସହ ଶରୀରରେ ମେଟାବୋଲିକ୍ ସ୍ତରକୁ ବଢ଼ାଇଥାଏ । ଯାହାଦ୍ୱାରା ମେଟାବୋଲିକ୍ ସ୍ତର ବଢ଼ିବା ସହ ଶରୀରରୁ ଅଧିକ କ୍ୟାଲୋରୀ ହ୍ରାସ ପାଏ । ସକାଳୁ ଉଷୁମ ପାଣିରେ ଲେମ୍ବୁରସ ମିଶାଇ ପିଇବା ଦ୍ୱାରା ଚର୍ବି ହ୍ରାସ ହୋଇଥାଏ, ଏଥିରେ ମହୁ ମଧ୍ୟ ମିଶାଇ ପାରିବେ । ଏକ୍ସରସାଇଜ ଓ ଯୋଗ କରିବା ଦ୍ୱାରା ଓଜନ ହ୍ରାସ ହୋଇଥାଏ ସତ ହେଲେ ଏହାସହିତ ଉଷୁମ ପାଣି ପିଇବା ଦ୍ୱାରା ଚର୍ବି ଶୀଘ୍ର ହ୍ରାସ ହୋଇ ଓଜନ କମିଯାଏ ।

କୋଷ୍ଠକାଠିନ୍ୟ ଦୂର : ସକାଳୁ ଖାଲି ପେଟରେ ପ୍ରତିଦିନ ଉଷୁମ ପାଣି ପିଇଲେ ଅନ୍ତତନ୍ତ୍ର କାର୍ଯ୍ୟକାରୀ ହୋଇଥାଏ ଫଳରେ କୋଷ୍ଠକାଠିନ୍ୟ ସମସ୍ୟା ଦୂର ହୋଇଯିବ । ଅଳ୍ପ ପାଣି ପିଇବା ଯୋଗୁଁ କୋଷ୍ଠକାଠିନ୍ୟ ପରି ସମସ୍ୟା ଦେଖାଯାଏ । ଉଷୁମ ପାଣି ପିଇବା ଦ୍ୱାରା ପେଟରେ ଥିବା ମଇଳା ନମନୀୟ ହୋଇ ବାହାରିଯାଏ । ଉଷୁମ ପାଣି ପିଇବା ଦ୍ୱାରା ମଧ୍ୟ ହଜମ କ୍ରିୟା ସୂଚାରୁ ରୂପେ ହୋଇଥାଏ । ଉଷୁମ ପାଣିରେ ଲେମ୍ବୁ ଓ ମହୁ ମିଶାଇ ପିଇଲେ ବହୁତ ଭଲ ।

ନାକ ଖୋଲିଯାଏ : ଥଣ୍ଡା ହୋଇଥିଲେ ନାକ ବନ୍ଦ ହୋଇଯାଏ । ପ୍ରଶ୍ୱାସ ଠିକ୍ ଭାବରେ ନେଇ ହୁଏ ନାହିଁକି ନିଶ୍ୱାସ ଠିକ୍ ଭାବରେ ଛାଡ଼ି ହୁଏନାହିଁ । ଥଣ୍ଡାରୁ ନାକରେ ପାଣି ଜମାଟ ବାନ୍ଧେ । ଏପରି ସ୍ଥଳେ ଉଷୁମ ପାଣି ପିଇବା ଦ୍ୱାରା ଏହି ସମସ୍ୟା ଦୂର ହୋଇଯାଏ । ଉଷୁମ ପାଣି ପିଇବା ଦ୍ୱାରା ନାକରେ ଜମାଟ ବାନ୍ଧିଥିବା ସିଙ୍ଗାଣି ଖୋଲିଯାଏ । ମଇଳା ମଧ୍ୟ ବାହାରି ଯାଏ । ଏହାଦ୍ୱାରା ନିଶ୍ୱାସ ପ୍ରଶ୍ୱାସ ଠିକ୍ ଭାବରେ ଚାଲିଥାଏ ।

ବିଷାକ୍ତ ଦ୍ରବ୍ୟ ଦୂର : ଉଷୁମ ପାଣି ପିଇବା ଦ୍ୱାରା ଶରୀରରେ ଥିବା ବିଷାକ୍ତ ଦ୍ରବ୍ୟ ପରିସ୍ରା ଦେଇ ବାହାରିଯାଏ । ଉଷୁମ ପାଣି ପିଇଲେ ଶରୀରର ତାପମାତ୍ରା ବୃଦ୍ଧି ପାଏ । ଏହାଦ୍ୱାରା ଶରୀରରୁ ଝାଳ ବାହାରେ । ବିଷାକ୍ତ ଦ୍ରବ୍ୟ ଶରୀରରୁ ଝାଳ ଆକାରରେ ମଧ୍ୟ ବାହାରିଯାଏ । ପ୍ରତିଦିନ ଉଷୁମ ପାଣି ପିଇବା ଦ୍ୱାରା ଶୁଷ୍କ ତ୍ୱଚା କୋମଳ ହୋଇଥାଏ । ଉଷୁମ ପାଣିରେ ରକ୍ତ ସଂଚାଳନ ବୃଦ୍ଧି ହେତୁ ତ୍ୱଚାରେ ଚମକ୍ ଆସେ । ବିଶେଷ କରି ତ୍ୱଚାରୁ ମୃତ କୋଷକୁ ଦୂର କରି ନୂତନ କୋଷ ତିଆରି କରେ । ଯାହା ତ୍ୱଚାରେ ବୟସର ଛାପକୁ ପକାଇ ଦିଏନାହିଁ । ସକାଳ ବ୍ୟତୀତ ଦିନର ଅନ୍ୟ ସମୟରେ ଉଷୁମ ପାଣି ମଧ୍ୟ ଶରୀର ପାଇଁ ଗ୍ରହଣୀୟ । ତେବେ ମାତ୍ରାଧିକ ପାଣି ପିଇବା ଦ୍ୱାରା ବାନ୍ତି, ପତଳା ଝାଡ଼ା ସହ ଅନେକ ସମସ୍ୟା ସୃଷ୍ଟି କରିଥାଏ । ଗରମ ଖାଦ୍ୟ ଖାଇବା ପରେ ଉଷୁମ ପାଣି ପେଟରେ ସମସ୍ୟା ସୃଷ୍ଟି କରିପାରେ । ତେବେ ପେଟ ଭିତରର କୌଣସି କ୍ୟାନସର ଜନିତ ପୂର୍ବରୁ ସମସ୍ୟା ଥିଲେ ଏ କ୍ଷେତ୍ରରେ ଚିକିତ୍ସକଙ୍କ ପରାମର୍ଶ ଜରୁରୀ । ଓଡ଼ିଆରେ ଏକ ବହୁଳ ଆଲୋଚିତ ଧାଡ଼ିଟି ରହିଛି - 'ଜଳ ବହୁଳେ ସୃଷ୍ଟିନାଶ, ଜଳ ବିହୁନେ ସୃଷ୍ଟିନାଶ ।' ସେହିପରି ମାତ୍ରାଧିକ ଉଷୁମ ଅର୍ଥାତ୍ ଗରମ ପାଣି ଶରୀର ପାଇଁ କ୍ଷତିକାରକ ସାବ୍ୟସ୍ତ ହୋଇଥାଏ । ସେହିପରି ଅତ୍ୟଧିକ ଥଣ୍ଡାପାଣି ମଧ୍ୟ ଶରୀର ପାଇଁ କ୍ଷତିକାରକ ସାବ୍ୟସ୍ତ ହୋଇଥାଏ । ଯେ କୌଣସି ବ୍ୟବହାରର ସର୍ବନିମ୍ନ ବା ସର୍ବାଧିକ ହିଁ କ୍ଷତିକାରକ । ତେଣୁ ସକାଳୁ ସର୍ବନିମ୍ନ ଭାବେ ବିଶୁଦ୍ଧ ସ୍ୱାସ୍ଥ୍ୟଗତ ପରିବେଶରେ ଉଷୁମ ଦୁଇଗ୍ଲାସ ପାଣି ଖୁବ ଭଲ । ପାଣି ଉଷୁମ କରିବା ଦ୍ୱାରା ଜଣେ ସେପରି ଅର୍ଥ ଖର୍ଚ୍ଚ କରିନଥାଏ । ସର୍ବନିମ୍ନ ଖର୍ଚ୍ଚରେ ସ୍ୱାସ୍ଥ୍ୟ ପାଇଁ ସଂଜିବନୀ ସାଜିଥିବା ଉଷୁମ ପାଣିକୁ ଆଦର କରନ୍ତୁ ଦେଖିବେ ଏହା ଆପଣଙ୍କ ସ୍ୱାସ୍ଥ୍ୟକୁ ଅନେକ ସମସ୍ୟାର ମୁକାବିଲା ପାଇଁ ଦୃଢ଼ ପ୍ରାଚେରୀ ପରି କାର୍ଯ୍ୟ କରିବ । ଆପଣ ଅନେକ ଶାରୀରିକ ସମସ୍ୟାରୁ ମୁକ୍ତି ପାଇପାରିବେ ଏବଂ ଆପଣଙ୍କୁ ଏକ ଫୁର୍ତିଭରା ଆନନ୍ଦମୟ ଶରୀର ଯେ ଈଶ୍ୱରଙ୍କ ଶ୍ରେଷ୍ଠ ବରଦାନ ତାହା ଆପଣ ଯଥାର୍ଥ ଭାବେ ବୁଝିପାରିବେ ।

*ଭେଷଜ ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ*

# ପାଳଭୂତ ଯେବେ ଫସଲ ଖାଏ


ଡ.ବିମଳ ଷଡଙ୍ଗୀ

ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି)୨୦୨୫ ପ୍ରଶ୍ନପତ୍ର ଲିକ୍ ଯୋଗୁଁ ଦୁଇଥର ସ୍ଥଗିତ ରଖାଯାଇଛି । ଜୁଲାଇ ୧୯ତାରିଖରେ ଫେସବୁକରେ ଏକ ହାତଲେଖା ପ୍ରଶ୍ନପତ୍ର ଏବଂ ଉତର ଲିକ୍ ହୋଇଥିଲା, ଯାହାଫଳରେ ପ୍ରଥମ ଥର ପାଇଁ ଜୁଲାଇ ୨୦ ତାରିଖର ପରୀକ୍ଷା ବାତିଲ ହୋଇଥିଲାଏବଂଅଗଷ୍ଟ୩୧ତାରିଖ ପୁନଃନିର୍ଦ୍ଧାରିତ ସ୍ୱତନ୍ତ୍ର ପରୀକ୍ଷା ମଧ୍ୟ ସ୍ଥଗିତ ରଖାଯାଇଛି । ସେହିପରି ବିଚାର ବିଭାଗ ଭଳି ଦେଶର ସବୁଠାରୁ ନିର୍ଭରଯୋଗ୍ୟ ଅନୁଷ୍ଠାନ ଆହ୍ଲାବାଦ ହାଇକୋର୍ଟ ବିଚାରପତି ଜଷ୍ଟିସ ଯଶୋବନ୍ତ ବର୍ମାଙ୍କ ବାସଭବନରୁ ପୁଳାପୁଳା ଅଧପୋଡା ଟଙ୍କା ବାହାରିବା, ତିହାର ଜେଲର ନଅଜଣ ଅଧିକାରୀ କଏଦୀଙ୍କ ସହ ମିଶି ଟଙ୍କା ଆଦାୟ ଘଟଣା,ଏସସିବି ମେଡିକାଲ କଲେଜ ଏବଂ ହସ୍ପିଟାଲର ନିରାମୟ କାଉଣ୍ଟରରେ ଅତ୍ୟାବଶ୍ୟକ ଔଷଧ ଓ ରାଜ୍ୟରେ ସାରର ଗୁରୁତର ଅଭାବ, ଦେଶର ସବୁଠାରୁ ବ୍ୟୟସାପେକ୍ଷ ଶିକ୍ଷା ବ୍ୟବସ୍ଥାରୁ ମାତ୍ର ୧୫% ନିଯୁକ୍ତିଯୋଗ୍ୟ ବୈଷୟିକ ସ୍ନାତକଙ୍କ ଉପଲବ୍ଧତା,ଯୁବକଙ୍କ ପାଇଁ ନିଯୁକ୍ତିର ଅଭାବ,କୃଷକ ପାଇଁ ମଣ୍ଡି ଅନିୟମିତତା, ମନମୁଖୀ ଗ୍ରେଡିଂ ଏବଂ ମିଲରଙ୍କ ପ୍ରାଧାନ୍ୟ ଆଦି ଶିକ୍ଷା,ନ୍ୟାୟିକ ,ସ୍ୱାସ୍ଥ୍ୟ,ବୈଷୟିକ ଶିକ୍ଷା ଓ କୃଷିକ୍ଷେତ୍ରର ଅନିୟମିତ କାର୍ଯ୍ୟର ଗୋଟିଏ ଗୋଟିଏ ଜ୍ୱଳନ୍ତ ଉଦାହରଣ ।

ଜରୁରୀକାଳୀନ ଉପକରଣ ଯାଂ ଓ ପରିଚାଳନାଗତ ତ୍ରୁଟିର ଅନିୟମିତତା ଯୋଗୁଁ ୨୦୨୫ମସିହା ଜୁନମାସର ବିମାନ ଦୁର୍ଘଟଣା ଏବଂ ଜୁନ୍ ୨୯ ତାରିଖ ପୁରୀର ରଥଯାତ୍ରା ସମୟରେ ଦଳାଚକଟାରେ ତିନିଜଣଙ୍କର ମୃତ୍ୟୁ ଓ ନବରଙ୍ଗପୁର ଜିଲ୍ଲାର ଜୋବାଗୁଡ଼ା ଗାଁରେ ରାସ୍ତାର ଦୂରାବସ୍ଥା କାରଣରୁ ଜଣେ ଆଦିବାସୀ ମହିଳାଙ୍କ ଡାକ୍ତରଖାନାକୁ ଆସୁଥିବା ସମୟରେ ମୃତ୍ୟୁ ଇତ୍ୟାଦି ଦାୟିତ୍ୱହୀନତାର ଗୋଟିଏ ଗୋଟିଏ ନିଦର୍ଶନ ।ଏଗୁଡିକରୁ ସ୍ପଷ୍ଟ ଜଣାପଡୁଛି ଯେ ସ୍ୱାଧିନତାର ୭୮ବର୍ଷ ପରେବି ଅବ୍ୟବସ୍ଥିତ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, କୃଷି, ଶିଳ୍ପାୟନ,ନ୍ୟାୟିକ ଇତ୍ୟାଦି ବ୍ୟବସ୍ଥାର ପରିଚାଳନାଗତ ତ୍ରୁଟି ଆଜି ଭାରତର ପ୍ରଗତିରେ ଚରମ ବାଧା ସୃଷ୍ଟି କରିଛି ।ଏହାର କାରଣ ଓ ଉତରଦାୟୀତା ସମସ୍ତଙ୍କ ପାଇଁ ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି ଯାହା ଗୋଟିଏ ପ୍ରଚଳିତ ଶବ୍ଦ 'ପାଳଭୂତ'କୁ ଆଙ୍ଗୁଠି ନିର୍ଦ୍ଦେଶ କରେ । 'ପାଳ' ଶବ୍ଦର ଅର୍ଥ ପାଳି କିମ୍ବା ପରିବର୍ତନକୁ ବୁଝାଏ ।ପୁରାତନ କାଳରେ ଗାଁ ଲୋକମାନେ ନିଜ ନିଜର ସମ୍ପତି, ଶସ୍ୟର ଜଗାରଖା, ସାର୍ବଜନୀନ ସମାବେଶ, ପୂଜାର୍ଚ୍ଚନା ସମୟରେ ଭିଡ ନିୟନ୍ତ୍ରଣ ଏବଂ ହିଂସା ରୋକିବା, ରାତ୍ରି ଜଗୁଆଳୀ ଭାବରେ କାର୍ଯ୍ୟ କରିବାପାଇଁ ନିଜ ଭିତରେ ପାଳି କରି ଗ୍ରାମସ୍ତରୀୟ ପହରାର ବ୍ୟବସ୍ଥା କରୁଥିଲେ ସେଥିପାଇଁ ସେମାନଙ୍କୁ ପାଳଭୁତ କୁହାଯାଉଥିଲା । ଗୁପ୍ତଚରମାନଙ୍କ ଉପରେ ନଜର ରଖିବା ,ଫସଲ ଅମଳ ସମୟରେ ବିଶେଷକରି ଯେତେବେଳେ ଶସ୍ୟକ୍ଷେତ୍ର ଉତ୍ପାଦନକ୍ଷମ ଅବସ୍ଥାକୁ ଆସି ନଥାଏ ବା କଟାଯାଇଥିବା ଫସଲ ଚୋରିକୁ ରୋକିବା ବା ଫସଲକୁ ଗୋରୁ, ବୁଲା ପଶୁ କିମ୍ବା ଜଙ୍ଗଲୀ ପଶୁଙ୍କ ଠାରୁ ରକ୍ଷାକରିବା ସେମାନଙ୍କ କାର୍ଯ୍ୟ ଥିଲା । ପ୍ରତ୍ୟେକ ପାଳଭୂତ ଏକ ନିର୍ଦ୍ଦିଷ୍ଟ ସମୟ ପାଇଁ ପାଳିକରି କାମ କରନ୍ତି । ବେଳେବେଳେ ଅସ୍ଥାୟୀ କୁଡ଼ିଆ ବା ମଂଚ ସ୍ଥାପନ କରି କିମ୍ବା କ୍ଷେତରେ ଏକ ଉଚ୍ଚସ୍ଥାନରେ ଶୋଇ ଟର୍ଚ୍ଚ, ବାଡ଼ି ଏବଂ ଖାଦ୍ୟ ଓ କେତେକ ସମୟରେ ସାଥୀ କୁକୁର ସହିତ ସେମାନଙ୍କର କାର୍ଯ୍ୟ ନିର୍ବାହ କରନ୍ତି । ଯଦି ତାଙ୍କ କର୍ତବ୍ୟ ସମୟରେ କୌଣସି କ୍ଷତି ହୁଏ, ତେବେ ସେ ସମୟରେ ପାଳଭୂତଙ୍କୁ କର୍ତବ୍ୟରେ ଅବହେଳା ପାଇଁ ଦାୟୀ କରାଯାଏ । ଏପରି ବ୍ୟବସ୍ଥାର ପରିବର୍ତନ ହେବାପରେ ବ୍ୟକ୍ତିଗତ ସ୍ତରରେ ନିଜର ଫସଲକୁ ରକ୍ଷା କରିବାପାଇଁ ଗୋଟିଏ କାଠ ପିତୁଳାର ସୃଷ୍ଟି କରାଯାଇଥିଲା ପାଳଭୂତ , ଯାହାର ମଣିଷ ମୁଣ୍ଡ ଭାବରେ ଚିତ୍ରିତ ହାଣ୍ଡିଟିଏ ରଖାଯାଉଥିଲା ଓ ବାଉଁଶଶରୀରରେ ପୋଷାକ ଆଚ୍ଛାଦିତ କରି ଶସ୍ୟ କ୍ଷେତ୍ରରେ ସ୍ଥାପନ କରାଗଲା, ଯାହା କେବଳ ପଶୁ କିମ୍ବା ପକ୍ଷୀମାନଙ୍କୁ ଭୟ କରାଇବାକୁ ଉଦ୍ଦିଷ୍ଟ ଥିଲା, ତାର କିଛି କର୍ତବ୍ୟ ବା ଦାୟିତ୍ୱବୋଧତା ନଥିଲା ,କାରଣ ତାହା ଜୀବନ୍ତ ନଥିଲା । ଭାରତ ସ୍ୱାଧୀନ ହେବା ପରେ, ନାଗରିକଙ୍କ ମନରେ ଆଶା ଥିଲା ଯେ ସ୍ୱାଧୀନତା ଭାରତର ଜନତାଙ୍କ ପାଇଁ ସମୃଦ୍ଧି,ନ୍ୟାୟ ଏବଂ ସମ୍ମାନର ସୁଯୋଗ ଆଣିବ । ରାଜନୈତିକ ସୁଯୋଗବାଦ, ବ୍ୟବସ୍ଥାଗତ ଦୁର୍ନୀତି ଏବଂ ଦୁର୍ବଳ ଉତରଦାୟିତ୍ୱର ମିଶ୍ରଣ ପ୍ରାୟତଃ ଲୋକମାନଙ୍କୁ ପ୍ରତିଶୃତି ଦିଆଯାଇଥିବା ଶାସନ ଏବଂ ସେବାର ଗୁଣବତା ପାଇବାରେ ବାଧା ସୃଷ୍ଟି କରିଚାଲିଛି । ରାଜନୈତିକ ଦଳଗୁଡ଼ିକ ପ୍ରାୟତଃ ମାଗଣା ବିଦ୍ୟୁତ୍, ନିଶ୍ଚିତ ଚାକିରି, ଉନ୍ନତ ସ୍ୱାସ୍ଥ୍ୟସେବା, ସମସ୍ତଙ୍କ ପାଇଁ ବାସଗୃହ,ରାସ୍ତାଘାଟ ଇତ୍ୟାଦିର ପ୍ରତିଶ୍ରୁତି ଦ୍ୱାରା ଭୋଟପାଇ ଶାସନକୁ ଆସନ୍ତି ।ବାସ୍ତବତାକୁ ପ୍ରକାଶ ନକରି ଦୁର୍ବଳ ତଦାରଖ ବ୍ୟବସ୍ଥା ଯୋଗୁ ମୌଳିକ ସେବା ପ୍ରଦାନ କରିବାରେ ବିଫଳ ହୁଅନ୍ତି । ଫଳରେ ଜନସାଧାରଣ ଏବେବି ପୋଷଣଯୁକ୍ତ ଖାଦ୍ୟ, ସ୍ୱଚ୍ଛ ପାନୀୟଜଳ, ଦୁର୍ଘଟଣାମୁକ୍ତ ରାସ୍ତା, ଗୁଣାତ୍ମକ ଶିକ୍ଷା ଏବଂ ନିର୍ଭରଯୋଗ୍ୟ ସ୍ୱାସ୍ଥ୍ୟ ଓ ନ୍ୟାୟସେବା ପାଇବାଠାରୁ ବହୁ ଦୂରରେ । ଦୀର୍ଘକାଳୀନ ଭିତିଭୂମି ନିର୍ମାଣ ପରିବର୍ତ ? କ୍ଷଣସ୍ଥାୟୀ ଯୋଜନା ଦ୍ୱାରା ଲୋକମାନଙ୍କୁ ଖୁସି ଦେଇ ପରବର୍ତୀ ସମୟରେ ନିର୍ବାଚନୀ ବୈତରଣୀ ପାର ହେବା ଉପରେ ଧ୍ୟାନ ଦିଆଯାଏ କାରଣ ତାହାହିଁ ସତ୍ୟ । ଜାତି, ଧର୍ମ କିମ୍ବା ଅଂଚଳ ଉପରେ ଆଧାରିତ ତୁଷ୍ଟୀକରଣ ରାଜନୀତିଦ୍ୱାରା ସାର୍ବଜନୀନ ବିକାଶକୁ ଅଣଦେଖା କରି କ୍ଷମତା ସୁରକ୍ଷିତ କରିବାର ଏକ ଉପକରଣ ହୋଇଯାଇଛି । ଦଳଗୁଡ଼ିକ ସ୍ଥାନୀୟ ସ୍ୱାୟତ ଶାସନକୁ ସଶକ୍ତ କରିବା ପରିବର୍ତ ? ସମ୍ବଳଗୁଡ଼ିକୁ ନିୟନ୍ତ୍ରଣ କରି ସ୍ଥାୟୀ ଆର୍ଥିକ ଅଭିବୃଦ୍ଧି ପରିବର୍ତ ? ତୁରନ୍ତ ଲୋକପ୍ରିୟତା ପାଇଁ ମାଗଣା ଦାନ, ଋଣ ଛାଡ ଇତ୍ୟାଦି ଅନେକ ଲୋଭନୀୟ ଯୋଜନାରେ ଲୋକଙ୍କୁ ବାନ୍ଧିରଖନ୍ତି । ମାତ୍ର ସରକାରୀ କର୍ମଚାରୀ ସେମାନଙ୍କ ଦାୟିତ୍ୱ ସମ୍ପାଦନ ନକଲେ ସେମାନଙ୍କୁ କିଛି କୁହାଯାଏ ନାହିଁ । ସେମାନେ କାଠପିତୁଳା ଭଳି ପାଳଭୂତ ଭାବରେ କାର୍ଯ୍ୟ କରନ୍ତି । ଉତରଦାୟୀ ସରକାର ବା ସରକାରୀ କର୍ମଚାରୀ ତାହା ଜନସାଧାରଣଙ୍କ ବୁଝିବାର ବହୁ ଊର୍ଦ୍ଧରେ । କାର୍ଯ୍ୟରେ ଅବହେଳା କରୁଥିବା ପ୍ରକୃତ ଦୋଷୀକୁ ଧରି ଦଣ୍ଡ ଦେବାପାଇଁ ନ୍ୟାୟିକ ବ୍ୟବସ୍ଥା ଏତେ ଲମ୍ବା ଯେ ସରକାର ପରେ ସରକାର ଆସିଲେବି ଦୋଷୀକୁ ଦଣ୍ଡ ମିଳେନାହିଁ,ତେଣୁ ଏହି ସଚଳ ପାଳଭୂତମାନେ ବିନା ଉତରଦାୟୀତାରେ ଗାଢ ନିଦ୍ରାରେ ଶୋଇପଡନ୍ତି ।

ଏ ବ୍ୟବସ୍ଥାର ସମୂଳ ପରିର୍ତନ ପାଇଁ କେତେଗୁଡିଏ ନିର୍ଦ୍ଦିଷ୍ଟ ଦିଗକୁ ବିଚାର କରାଯାଇପାରେ । ସ୍ୱଚ୍ଛ ନିର୍ବାଚନ କମିଶନ ଦଳଗୁଡ଼ିକୁ ଇସ୍ତାହାରରେ ମାପଯୋଗ୍ୟ ଲକ୍ଷ୍ୟ ଦାଖଲ କରିବାକୁ ବାଧ କରିବା ଉଚିତ ଏବଂ ଏକ ସ୍ୱାଧୀନ ସଂସ୍ଥା ବାର୍ଷିକ ପ୍ରଗତି ରିପୋର୍ଟ ପ୍ରକାଶ କରିବା ସହିତ ମିଥ୍ୟା ପ୍ରତିଶ୍ରୁତି ପାଇଁ ଦଣ୍ଡ ଓ ଜୋରିମାନା କିମ୍ବା ଅଯୋଗ୍ୟ ଘୋଷଣା କରି ସେପରି ବ୍ୟକ୍ତି ବା ଦଳକୁ ପରବର୍ତୀ ସମୟରେ ନିର୍ବାଚନରେ ଅଂଶଗ୍ରହଣ କରିବାକୁ ଅନୁମତି ନଦେବା ଉଚିତ । ନିର୍ବାଚନ ସମୟରେ ରାଜନୈତିକ ଦଳଗୁଡିକ କୌଣସି ଅର୍ଥ ବ୍ୟୟ କରିବା ଅନୁଚିତ ।ଶାସନରେ ସ୍ୱଚ୍ଛତା ବାଧ୍ୟତାମୂଳକ ହେବା ସହିତ ସମସ୍ତ ଯୋଜନା, ବଜେଟ୍ ଏବଂ ପ୍ରକଳ୍ପ ସମୟ ସୀମା ଗୁଡ଼ିକର ବାସ୍ତବ ସମୟ ଓ ପ୍ରଗତି ରିପୋର୍ଟ ସାର୍ବଜନୀନ ଭାବରେ ଅନଲାଇନରେ ମିଳିବା ଉଚିତ । ସାଂସ୍କୃତିକ ଏବଂ ବ୍ୟବସ୍ଥାଗତ ପରିବର୍ତନର ବିକାଶ ସହିତ ସାର୍ବଜନୀନ ପାଣ୍ଠି ଆବ[ନକୁ ଆବଶ୍ୟକତା ଭିତିକ ମାନଦଣ୍ଡ ସହିତ ସଠିକ ଭାବରେ ଯୋଡ଼ି ଭୋଟ-ବ୍ୟାଙ୍କ ରାଜନୀତି ଶେଷ କରିବା ଉଚିତ ଯାହା ଫଳରେ ଲୋକମାନେ ମାଗଣା କିମ୍ବା ପରିଚୟ ରାଜନୀତି ନୁହେଁ ବରଂ କାର୍ଯ୍ୟଦକ୍ଷତା ତଥ୍ୟ ଆଧାରରେ ଭୋଟ୍ ଦେଇପାରିବେ । ପ୍ରଶାସନିକ ସଂସ୍କାର, ସମୟସୀମାବଦ୍ଧତା, ସେବା ଗ୍ୟାରେ[ ଆଇନ ସହିତ ପ୍ରତ୍ୟେକ ସେବାର ଏକ ନିର୍ଦ୍ଦିଷ୍ଟ ସମୟ ସୀମା ରହିଥାଏ, ବିଳମ୍ବପାଇଁ ଅଧିକାରୀଙ୍କ ଦରମାରୁ ଅର୍ଥ କଟାଯାଇପାରିବ । ସମସ୍ତ କାର୍ଯ୍ୟ ପାଇଁ ଡିଜିଟାଇଜେସନ, ବିଳମ୍ବ ଏବଂ ଦୁର୍ନୀତିର ପରିସର ହ୍ରାସ କରିବା ପାଇଁ ଇ-ଟେଣ୍ଡରିଂ, ଅନଲାଇନ୍ ଅଭିଯୋଗ ସମାଧାନ ଏବଂ ସ୍ୱୟଂଚାଳିତ କାର୍ଯ୍ୟପ୍ରବାହର ଯାଚ କରାଯିବା ଉଚିତ ।ନାଗରିକ ସଶକ୍ତିକରଣ, ସାମାଜିକ ଅଡିଟ୍ ଏବଂ ଲୋକଙ୍କ ଦ୍ୱାରା ସେମାନଙ୍କ କାର୍ଯ୍ୟକୁ ନିର୍ଦ୍ଦିଷ୍ଟ ତ୍ରୈମାସିକ ଜନଶୁଣାଣୀ ଅଧିବେଶନରେ ପ୍ରକାଶ କରାଯିବା ଉଚିତ ଯେଉଁଠାରେ ଅଧିକାରୀ ଏବଂ ସ୍ଥାନୀୟ ପ୍ରତିନିଧିମାନେ ନାଗରିକମାନଙ୍କୁ ସିଧାସଳଖ ଉତରି ଦେବାକୁ ବାଧ୍ୟହେବେ । ସରକାରୀ ଚାକିରିଆଙ୍କୁ ଛାଡିଦେଲେ ଆଉ ଗୋଟିଏ ଗୋଷ୍ଠୀ ଯେଉଁମାନେ ଜନସାଧାରଣଙ୍କୁ ବହୁ ଅଧିକ କ୍ଷତି ପହଂଚାନ୍ତି ସେମାନେ ହେଲେ ଘରୋଇ ଅନୁଷ୍ଠାନକୁ ପରିଚାଳନା କରୁଥିବା ବେପାରୀ । ସରକାରଙ୍କ ସହିତ ସେମାନଙ୍କର ମଧୁର ସମ୍ପର୍କ ।ସେମାନେ ଚଂକତାର ସହିତ ଜନସାଧାରଣଙ୍କୁ ଅଧିକ ଶୋଷଣ କରନ୍ତି । ନିର୍ବାଚନ ସମୟରେ ପାଣ୍ଠି ଯୋଗାଡ ସେମାନଙ୍କର ଦାୟିତ୍ୱ । ତେଣୁ ସେମାନେ ସରକାରଙ୍କ ବାହୁଛାୟାତଳେ ଜନତାଙ୍କୁ ଲୁଟ କରନ୍ତି । ନିମ୍ନ ଗୁଣବତା ସେବା ପ୍ରଦାନ, ଦ୍ରବ୍ୟ ଉତ୍ପାଦନ, ସ୍ୱଳ୍ପ ଦରମାରେ ନିଯୁକ୍ତି ,ଚଢ଼ା ଦାମରେ ଦ୍ରବ୍ୟ ବିକ୍ରି ,ବିକ୍ରିକରରେ ଠକେଇ,ରୋଜଗାର କରରେ ଠକେଇ, ସର୍ବସାଧାରଣ ସମ୍ପତି ହଡପ ଇତ୍ୟାଦି ସେମାନଙ୍କ ବହୁମୁଖୀ କାର୍ଯ୍ୟ ।ସେମାନଙ୍କପାଇଁ ଉତରଦାୟିତାର ଅର୍ଥ କିଛି ନଥାଏ । ତେଣୁ ସେମାନେ ମଧ୍ୟ ଜନତାଙ୍କ ସମ୍ମୁଖରେ ଉତରଦାୟୀ ହେବା ଉଚିତ । ପ୍ରତ୍ୟେକ କାର୍ଯ୍ୟପାଇଁ ସେମାନେ ସାଧାରଣ ଜନତାଙ୍କୁ ଉତର ଦେବାକୁ ବାଧ । ପ୍ରତି ସମୟରେ ସେମାନଙ୍କ କାର୍ଯ୍ୟକୁ ଅଡିଟ ମାଧ୍ୟମରେ ଲୋକଲୋଚନକୁ ଆଣିବା ସହିତ ଅନୀତି ,ଅନ୍ୟାୟ କରୁଥିବା ସଂସ୍ଥା ବା ବ୍ୟକ୍ତି ବିଶେଷଙ୍କୁ ଦଣ୍ଡ ଦେବା ଜରୁରୀ ।

ସ୍ୱାଧୀନତା ପରେ ପାଳଭୂତ ପରମ୍ପରା ପ୍ରାୟ ଉଠିଯାଇଛି ।ମାତ୍ର ତାର ଅନ୍ୟ ଗୋଟିଏ ରୂପ ହେଉଛି ଜନସାଧାରଣଙ୍କ ସେବା ଦାୟିତ୍ୱ ପାଇଁ ଅର୍ଥ ନେଉଥିବା ସମସ୍ତ ଅଧିକାରୀ, ଶାସନାଧୀଶ,ନ୍ୟାୟାଧୀଶ ଇତ୍ୟାଦି । ସେମାନେ ହିଁ ଆଧୁନିକ ପାଳଭୂତ ଯେଉଁମାନଙ୍କ ପାଇଁ ଉିରଦାୟିତା ବାଧ୍ୟତା ମୂଳକ ହେବା ଜରୁରୀ । ଏବେ ସମୟ ବଦଳିବାକୁ ଆରମ୍ଭ ହୋଇଛି,କୃତ୍ରିମ ବୁଦ୍ଧିମତାର ଯୁଗରେ ଲୋକାଭିମୁଖୀ କାର୍ଯ୍ୟପାଇଁ ସେମାନଙ୍କର ଦାୟିତ୍ୱବୋଧତା, ଉିରଦାୟିତ୍ୱ,ସଚ୍ଚୋଟତାକୁ ଜନସାଧାରଣ ବୁଝିବାକୁ ଆରମ୍ଭ କଲେଣି । ରାଜନୈତିକ ନେତା ବା ସେମାନଙ୍କ ଅଧିନସ୍ଥ କର୍ମଚାରୀ ବା ବେପାରୀ ସମସ୍ତଙ୍କୁ ମାନିବାକୁ ପଡିବ ସେମାନେ ଲୋକଙ୍କ ସେବାପାଇଁ ସମର୍ପିତ ଶୋଷଣ ପାଇଁ ନୁହଁ । ସଚଳ ପାଳଭୂତ ହିସାବରେ ସେମାନେ ଜନତାଙ୍କୁ ସୁରକ୍ଷା ଦେବାକୁ ଉତରଦାୟୀ । ଯଦି ପାଳଭୂତ ଫସଲ ଖାଇବା ଆରମ୍ଭ କରେ ତେବେ ଜନତା ଅସୁରକ୍ଷିତ ।

*ମୋ-୯୪୩୭୧୨୩୮୯୨*




# ମହୁମାଛି ଆକ୍ରମଣରେ ଶିକ୍ଷୟିତ୍ରୀ ଗୁରୁତର




ଉମରକୋଟ : ମହୁମାଛି ଆକ୍ରମଣରେ ଜଣେ ଶିକ୍ଷୟିତ୍ରୀ ଗୁରୁତର ହୋଇଛନ୍ତି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ପୌର ପରିଷଦରେ। ଶିକ୍ଷୟତ୍ରୀ ଜଣକ ହେଲେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସ୍ମୃତି ଦାସ (୨୨)। ଘର ଉମରକୋଟ ପୌର ପରିଷଦ ୟୁଭି ୩ ନଂ ଗ୍ରାମର। ମିଳିଥିବା ସୂଚନା ଅନୁସାରେ ଦଶହରା ଛୁଟି ପରେ ଆଜି ସ୍କୁଲ ଖୋଲିଥିଲା। ସ୍ମୃତି ଠିକ୍ ୧୦ ଘଣ୍ଟିକା ସମୟରେ ସ୍କୁଲ ରେ ପହଞ୍ଚି ଥିଲେ। ଏହି ସମୟରେ ହଠାତ୍ ମହୁମାଛି ଗୁଡିକ ସ୍ମୃତି କୁ ଆକ୍ରମଣ କରିଥିଲେ। ସ୍ମୃତିକୁ ମହୁମାଛି ଆକ୍ରମଣ କରୁଥିବା ଦେଖି ସେଠାରେ ଉପସ୍ଥିତ ଥିବା ଶିକ୍ଷକ ଏକ ଦରି ଆଣି ସ୍ମୃତିଙ୍କ ଉପରେ ଘୋଡାଇ ଦେଇଥିଲେ। ମହୁମାଛି ସ୍ମୃତିଙ୍କ ମୁହଁ ଓ ହାତରେ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ସ୍ମୃତିଙ୍କୁ ଉଦ୍ଧାର କରି ସ୍ଥାନୀୟ ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ। ପ୍ରାଥମିକ ଚିକିତ୍ସା ପରେ ସ୍ମୃତି ଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଠିକ ଥିବା ମେଡିକାଲ କର୍ତ୍ତୃପକ୍ଷ ଠାରୁ ସୂଚନା ମିଳିଛି।



## ବିଜୁ ଜନତା ଦଳର ୫ ଟି ଜୋନ ଓ ୩୧ ଜିଲ୍ଲା ସାଂଗଠନିକ ସୋସିଆଲ ମିଡିଆ ସଂଯୋଜକ ପ୍ରକାଶ ପାଇଛି

ଏଥିରେ ମତେ (ଅମିୟ ରଞ୍ଜନ ଦାଶ) CENTRAL ZONE ର ସୋସିଆଲ ମିଡ଼ିଆ ସଂଯୋଜକ ଦାୟିତ୍ୱ ମିଳିଛି ଧନ୍ୟବାଦ୍ ଦେବି ବିଜୁ ଜନତା ଦଳର ସଭାପତି ତଥା ମାନ୍ୟବର ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କୁ ମୋତେ ସୋସିଆଲ ମିଡିଆ ସଂଯୋଜକ ଭାବେ ୬ ଜିଲ୍ଲା (ବୌଦ୍ଧ, ସୋନପୁର,କନ୍ଧମାଳ, ଢେଙ୍କାନାଳ,ଅନୁଗୋଳ, ବଲାଙ୍ଗିର) ଜିଲ୍ଲା ର ଦାୟିତ୍ୱ ଦେଇଥିବାରୁ ଅଶେଷ ଧନ୍ୟବାଦ୍ ଅର୍ପଣ କରିବି ଏହି କମିଟି ର ଆବାହକ ଡ଼. ଅମର ପଟ୍ଟନାୟକ ଙ୍କ ସହିତ ସହ ଆବାହକ ତଥା ରାଜ୍ୟ ସମ୍ପାଦକ (ଯୁବ ବ୍ୟାପାର) ଶ୍ରୀ ଅମରେଶ ପତ୍ରୀ, ଟିମ୍ ସଂଯୋଜକ ଜ୍ୟୋତିରଞ୍ଜନ ଜେନା ଏବଂ ସୋନପୁର ବିଧାୟକ ଶ୍ରୀଯୁକ୍ତ ନିରଞ୍ଜନ ପୁଝାରୀ , ଜିଲ୍ଲା ସଭାପତି ସରୋଜଙ୍କ ସମସ୍ତ ବରିଷ୍ଠ କର୍ମକର୍ତ୍ତା ମାନଙ୍କୁ ମୋର ଧନ୍ୟବାଦ ଅର୍ପଣ କରୁଛି ।

# ଆବାସ ଯୋଜନା ବାଟବଣା, ବୁଢ଼ୀ ମା ପାଇଁ ଯୋଜନା ନାହିଁ

ଫିରିଙ୍ଗିଆ : ସରକାର ଗରିବ, ଖଟିଖିଆ, ଦିନ ମଜୁରିଆ, ଓ ଅସହାୟ ତଥା ନିରାଶ୍ରୟ ଜନସାଧାରଣଙ୍କ ମୁଣ୍ଡରେ ଛାତ ଯୋଗେଇ ଦେବା ଉଦେଶ୍ୟରେ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନା କରିଛନ୍ତି ।ଏହି ଯୋଜନା ବର୍ଷ ପରେ ବର୍ଷ ଚାଲୁରହିଛି ଓ ସରକାର ମଧ କେଁଉ ବର୍ଷରେ କେତେ ହିତାଧିକାରୀଙ୍କୁ ଛାତ ଘର ଯୋଗେଇ ଦେଲେ ତାର ହିସାବ ମଧ ରହିବା ସହିତ ସର୍ବ ସାଧାରଣରେ ଉପସ୍ଥାପନା ମଧ କରୁଛନ୍ତି ।ହେଲେ ପ୍ରକୃତ ହିତାଧିକାରୀ (ଯେଉଁ ମାନଙ୍କ ପାଇଁ ଏହି ଯୋଜନାଟି ଉଦ୍ଦିଷ୍ଟ )ପାଉଛନ୍ତି କି ନାହିଁ ତାହାର କିନ୍ତୁ ସରକାରଙ୍କ ପାଖରେ ହିସାବ ନାହିଁ ।ପ୍ରକୃତ ହିତାଧିକାରୀ ମାନେ ଦୟନୀୟ ଭାବେ କାଳାତିପାତ କରୁଥିବା ବେଳେ ମଧବିତ୍ତ ଓ ଧନୀ ଶ୍ରେଣୀର ଲୋକେ ଏହି ଯୋଜନାରେ ନିଜକୁ ସାମିଲ କରି ଘର ସବୁ ଝାମ୍ପି ନେଉଛନ୍ତି । ଯାହା ଫଳରେ ସରକାରଙ୍କ ଏହି ଜନ କଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ ହେଉଛି ଏକ ପ୍ରକାର ଓ କାଗଜ କଲମରେ ହିସାବ ହେଉଛି ଅନ୍ୟ ପ୍ରକାର । ନିହାତି ଗରିବ ଶ୍ରେଣୀର ଜନସାଧାରଣ ପ୍ରଶାସନ ଓ ଜନ ପ୍ରତିନିଧି ପାଖରେ ଯେତେ ଗୁହାରୀ କଲେ ମଧ ସେମାନଙ୍କ କୌଣସି କଥା ଶୁଣା ଯାଉନି । ସେମାନଙ୍କୁ ଖାଲି ପ୍ରତିଶ୍ରୁତି ପରେ ପ୍ରତିଶ୍ରୁତି ମିଳୁଛି । ଦିନ ମାସ ବର୍ଷ ଏମିତି ଗଡି ଗଡି ଯାଉଛି ସିନା ପ୍ରଶାସନ ଓ ଜନ ପ୍ରତିନିଧି ମାନଙ୍କ ଦ୍ୱାରା ଦିଆ ଯାଇଥିବା ପ୍ରତିଶ୍ରୁତି କିନ୍ତୁ ପୂରଣ ହେଉନି ।ଏଭଳି ଏକ ଅଭିଯୋଗ ଆସିଛି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ କ୍ୟୁଏରମାଣ୍ଡୁ ପଂଚାୟତ ଅନ୍ତର୍ଗତ ପାଦେରିପଡା ଗ୍ରାମରୁ । ଗ୍ରାମରେ ବସବାସ କରୁଛନ୍ତି କୁଟିଲି କହଁର ନାମକ ଜଣେ ୮୦ ବର୍ଷୀୟା ବୃଦ୍ଧା ମହିଳା । ତାଙ୍କର ନିଜ ଲୋକ କହିଲେ କେହି ନାହାନ୍ତି । ଅନେକ ବର୍ଷ ତଳେ ସ୍ୱାମୀ ମଧ ଏକା ଛାଡ଼ିଦେଇ ଆରପାରିକୁ ଚାଲିଗଲେ ।ଏକ ଭଙ୍ଗା କୁଡ଼ିଆରେ କିଛି ଟିଣ ଓ ଜରି ପାଳ ପକେଇ ମୁଣ୍ଡ ଗୁଂଜିଛି ବୃଦ୍ଧା ।ଘର କାନ୍ଥଟି କିଛି କାଠ ପାଳିଆରେ ତିଆରି । କାନ୍ଥରେ ମାଟି ଲେପନ ହୋଇ ନଥିବାରୁ ସାପ, ବିଛା ଭଳି ବିଭିନ୍ନ ସରୀସୃପ ଭିତରେ ପଶି କାମୁଡ଼ି ଦେବା ଭୟ ସବୁବେଳେ ରହୁଛି ।ଏହି କୁଡ଼ିଆ ଭିତରେ ବୃଦ୍ଧା ଜଣକ ଖରା, ବର୍ଷା ଓ ଶୀତ ଋତୁରେ ଦିନ କାଟୁଛି ।କହିବାକୁ ଗଲେ ଏକ ପ୍ରକାର ଅଭିଶପ୍ତ ଜୀବନ କାଟୁଛି କୁଟିଲି ।ସରକାରୀ ସୁବିଧା କହିଲେ ମାତ୍ର ୩୫ କେଜି ଚାଉଳ ସାଙ୍ଗକୁ ୧୦୦୦ ଟଙ୍କା ବାର୍ଦ୍ଧକ୍ୟ ଭତ୍ତା ।ସରକାରଙ୍କ ପ୍ରତିଶ୍ରୁତି ମୁତାବକ ସେ ମାସକୁ ୩୦୦୦ଟଙ୍କା ଭତ୍ତା ପାଇବା କଥା ହେଲେ ତାହା ବି ତା ଭାଗ୍ୟରେ ଏଯାଏ ଜୁଟିନି । ମୁଣ୍ଡ ଗୁଞ୍ଜିବାକୁ ଘର ଖଣ୍ଡିଏ ପାଇଁ ପଞ୍ଚାୟତର ସରପଞ୍ଚ, ଅନ୍ୟାନ୍ୟ କର୍ମଚାରୀଙ୍କୁ ବାରମ୍ବାର ଗୁହାରୁଛି, ହେଲେ ତାର ଦୁଃଖର ନିବେଦନକୁ କେହି ହେଲେ କର୍ଣ୍ଣପାତ କରୁନଥିବା ବଡ଼ ଦୁଃଖର ସହ କହୁଛି । କେତେବେଳେ ଯଦି




କୌଣସି ଜନ ପ୍ରତିନିଧି କିମ୍ବା ପଞ୍ଚାୟତ ଓ ବ୍ଲକ କର୍ମଚାରୀ ମାନଙ୍କ ସହ ଦେଖାହେଲେ ତା ଦୁଃଖର କାହାଣୀ ବଖାଣୁଛି ଓ ମୋତେ ଘର ଖଣ୍ଡେ ଦିଅ ବୋଲି ହାତ ଯୋଡୁଛି, ହେଲେ ଅଧିକାରୀ, କର୍ମଚାରୀ ଓ ଜନ ପ୍ରତିନିଧି ତାକୁ କେବଳ ପ୍ରତିଶ୍ରୁତି ହିଁ ଦେଇଚାଲିଛନ୍ତି ସିନା ଏଯାଏ ତା ପାଖରେ ପହଂଚି ତାର ଘରର ଅବସ୍ଥା ଦେଖି ନାହାନ୍ତି ଓ ସେ ୩୫ କିଲୋ ଚାଉଳ ଓ ୧୦୦୦ ଟଙ୍କା ଭତ୍ତା ପଇସାରେ କେମିତି ଗୁଜୁରାଣ ମେଣ୍ଟାଉଛି କେହି ହେଲେ ଜାଣିବାକୁ ଚାହିଁ ନାହାନ୍ତି ।ଏହି ଖବରଟି କୁଏରି ମାଣ୍ଡୁ ସମିତି ସଭ୍ୟ ପଞ୍ଚାନନ ଦିଗାଲଙ୍କ କର୍ଣ୍ଣରେ ପଡିବା ପରେ ନିଜ ସ୍ତ୍ରୀ ସସ୍ମିତା ଦିଗାଲଙ୍କ ସହ କୁଟିଲିଙ୍କ ଘରେ ପହଂଚି ଘର ର ଅବସ୍ଥା ଅନୁଧ୍ୟାନ କରିବା ସହିତ ଖାଇବା ଚଳିବା ବିଷୟରେ ପଚାରି ବୁଝିଥିଲେ। ପରେ ଜଣେ ସମିତି ସଭ୍ୟ ହିସାବରେ ମୁଁ ତୁମ ଦୁଃଖ ବିଷୟରେ ପ୍ରଶାସନକୁ ଜଣେଇବି ଓ ଘର ଆଉ ପେନସନ ପାଇଁ ଅନୁରୋଧ କରିବି ବୋଲି ପ୍ରତିଶ୍ରୁତି ଦେଇଥିଲେ ।କେବେ ଯେ ତାଙ୍କ ପ୍ରତିଶ୍ରୁତି ପୁରା କରିବେ ତାହା ଭଗବାନଙ୍କୁ ଜଣା ? ତେବେ ଏହି ବୁଢ଼ୀମା କେବେ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାରେ ସାମିଲ ହୋଇ ଘର ଖଣ୍ଡେ ପାଇବ ତାହା ହିଁ ଦେଖିବାକୁ ବାକି ରହିଲା ?

# କପା ଚାଷୀଙ୍କ ପଞ୍ଜୀକରଣ ପ୍ରଚାର ରଥର ଶୁଭାରମ୍ଭ




ପାରଳାଖେମୁଣ୍ଡି : ଭାରତୀୟ କପା ନିଗମ ଲିମିଟେଡ୍ ଓ ନିୟନ୍ତ୍ରିତ ବଜାର କମିଟି ପାରଳାଖେମୁଣ୍ଡି ପକ୍ଷରୁ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଜିଲ୍ଲାପାଳ ଶ୍ରୀମତୀ ମଧୁମିତା ମୁଖ୍ୟ ଅତିଥି ଭାବରେ ଯୋଗଦେଇ କପା ଚାଷୀଙ୍କ ସଚେତନତା ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଚଳିତ କପା ବର୍ଷ ୨୦୨୫-୨୬ ଏମଏସପି ଅନୁଯାୟୀ କପା ବିକ୍ରି କରିବାକୁ ଗୁଗୁଲ ପ୍ଲେଷ୍ଟୋର ଏଂ ଆପଲ ଆଇଓଏସ ପୋଷ୍ଟରେ ଉପଲବ୍ଧ ମୋବାଇଲ୍ ଆପ୍ କପାସ କିଷାନ ମାଧ୍ୟମରେ ଚାଷୀ ମାନେ ନିଜ ନାମ ପଞ୍ଜିକରଣ କରିପାରିବେ। ପଞ୍ଜୀକରଣ କରିବାର ଶେଷ ତାରିଖ ୩୧ ଅକ୍ଟୋବର ୨୦୨୫ । ଏହି ପ୍ରଚାର ରଥ ଜିଲ୍ଲାର ସମସ୍ତ ବ୍ଲକରେ ପ୍ରଚାର ପ୍ରସାର କରାଯିବ। ଏଣୁ ସମସ୍ତ ଚାଷୀ ଭାଇ ମାନଙ୍କୁ ଅନୁରୋଧ ପଞ୍ଜିକରଣ ପାଇଁ ଇଚ୍ଛୁକ ଚାଷୀମାନେ ସେମାନଙ୍କ ପଞ୍ଜିକରଣ କରିବା ନିମନ୍ତେ ନିଜ କାଗଜପତ୍ର ଯଥା ଜମି ରେକର୍ଡ, ରାଜସ୍ୱ କର୍ତ୍ତୃପକ୍ଷଙ୍କ ଦ୍ୱାରା ଯଥାର୍ଥ ପ୍ରମାଣିତ କପା ଫସଲର ରେକର୍ଡ, ଆଧାର କାର୍ଡ , ନିଜ ଫୋଟ ସହିତ ସମୟସୀମା ମଧରେ ପଞ୍ଜୀକରଣ କରିବାକୁ ଅନୁରୋଧ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ କୃଷୀ ଅଧିକାରୀ ଶ୍ରୀ ଏମ୍. ପ୍ରକାଶ ରାଓ, ଶ୍ରୀ ରେବତୀ ମୋହନ ରାଉତ,ସମ୍ପାଦକ,ନିୟନ୍ତ୍ରିତ ବଜାର କମିଟି ପାରଳାଖେମୁଣ୍ଡି ସମେତ ନିୟନ୍ତ୍ରିତ ବଜାର କମିଟି ଓ ଜିଲ୍ଲା କୃଷି ବିଭାଗୀୟର ସମସ୍ତ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ବିଜେଡି ଛାଡି ବିଜେପିରେ ଯୋଗଦାନ

ବୌଦ୍ଧ : ଦିନକୁ ଦିନ ହରଭଙ୍ଗୀ ବ୍ଲକ ରେ ବଳ ଭାଙ୍ଗୁଛି ବିଜେଡି ! ଯେତେ ସଜାଡ଼ିଲେ ବି ଦଳରେ ରହୁନି ଶୃଙ୍ଖଳା ! ଏପଟେ ଗୋଟିଏ ପରେ ଗୋଟିଏ ଗ୍ରାମାଞ୍ଚଳ କୁଜି ନେତା ଙ୍କ ଦଳ ଡିଆଁ ବିଜେଡି କୁ କାଳ ହେଲାଣି ! ଏଭଳି ସ୍ଥିତି ରେ ପୁଣି ବିଜେଡି ଛାଡି ବିଜେପି ରେ ଯୋଗଦାନ କରିବା ଭଳି ଚିତ୍ର ସୋସିଆଲ ମିଡ଼ିଆ ରେ ଘୁରି ବୁଲୁଥିବା ବେଳେ ବିଜେପି ର ରାଜନୀତି କୁ ଧରି ନପାରି ବିଜେଡି ହତାଶ ହେବାକୁ ବସିଲାଣି ! କିଛି ଦିନ ପୂର୍ବରୁ ବୌଦ୍ଧ ଜିଲ୍ଲା ରେ ବିଜେଡ଼ି ନୂଆଁ ପଞ୍ଚାୟତ ସଭାପତି ଚୟନ କରିଥିଲା। ହରଭଙ୍ଗୀ ବ୍ଲକର କେନ୍ଦ୍ରବିନ୍ଦୁ ଚର୍ଚ୍ଚିତ ପୁରୁଣାକଟକ ଗ୍ରାମ ପଞ୍ଚାୟତର ବିଜେଡ଼ି ଦଳର ପଞ୍ଚାୟତ ସଭାପତି ତଥା ବିଜେଡି ସାମର୍ଥିତ ପଞ୍ଚାୟତ ସମିତିସଭ୍ୟ ସରୋଜ କୁମାର ପ୍ରଧାନ ବିଜେଡ଼ି ଦଳ ଛାଡ଼ି ବିଜେପି ଦଳ ର ନୀତି ଆଦର୍ଶ ରେ ଅନୁପ୍ରାଣିତ ହୋଇ ବୌଦ୍ଧ ବିଧାୟକ ତଥା ସରକାରୀ ଦଳ ମୁଖ୍ୟ ସଚେତକ ଶ୍ରୀ ସରୋଜ କୁମାର ପ୍ରଧାନଙ୍କ ଲୋକାଭିମୁଖି କାର୍ଯ୍ୟରେ ଅନୁପ୍ରାଣିତ ହୋଇ ବରିଷ୍ଠ ବିଜେପି ନେତା ସୁଶାନ୍ତ କୁମାର



ପ୍ରଧାନ ଙ୍କ ଉପସ୍ଥିତି ରେ ଅନୁଷ୍ଠାନିକ ଭାବେ ଦଳୀୟ ଉତ୍ତରୀୟ ପରିଧାନ କରି ବିଜେପି ଦଳ ରେ ଯୋଗଦାନ କରିବା ଫୋଟ ସୋସିଆଲ ମିଡ଼ିଆ ରେ ଘୁରି ବୁଲିବା ପରେ ବିଜେଡି ଶିବିର ଭିତରେ ପୁରୁଣାକଟକ ଅଞ୍ଚଳ ରେ ଏକ ଚର୍ଚ୍ଚା ବିଷୟ ହୋଇଛି । ସମିତିସଭ୍ୟ ଶ୍ରୀ ପ୍ରଧାନ ଜଣେ ମିଷ୍ଟଭାଷୀ, ମିଳାପି, ସୁ ସଂଗଠକ ହୋଇଥିବାରୁ ବିଜେଡ଼ି କୁ ହରଭଙ୍ଗା ବ୍ଲକ ରେ ଝଟକା ଲାଗିବା ସଂଗେ ସଂଗେ ବିଜେପି ଦଳ ରେ ଆନନ୍ଦ ର ମାହୋଲ ସୃଷ୍ଟି ହୋଇଛି। ଅନ୍ୟପଟେ ଏକ ସପ୍ତାହ ପୂର୍ବରୁ ହରଭଙ୍ଗା ବ୍ଲକ ର ଅନେକ କର୍ମୀ ବିଜେଡି ଛାଡି ଭୁବନେଶ୍ୱର ପାର୍ଟି କାର୍ଯ୍ୟାଳୟ ରେ ପହଁଚି ବିଜେପି ରେ ଯୋଗଦାନ କରିଥିବା ଭଳି ଚିତ୍ର ଦେଖିବାକୁ ମିଳିଥିବା ବେଳେ ଆଗାମୀ ଦିନରେ ଆହୁରି ଅନେକ ବିଜେଡି କର୍ମୀ, ନେତା ବିଜେପି ରେ ଯୋଗଦାନ କରି ପାରନ୍ତି ବୋଲି ଆଶା କରାଯାଉଛି ! ଏପଟେ ବିଜେଡି କୁ ଶକ୍ତିଶାଳୀ କରିବା ପାଇଁ ଦୁଇଦିନ ତଳେ ହରଭଙ୍ଗା ବ୍ଲକର ଶେଷସୀମା,ଣିଗୋଛା ନିକଟରେ ବିଜେଡି ପକ୍ଷରୁ ରୁଦ୍ଧ କୋଠରୀ ଭିତରେ କର୍ମୀ ଙ୍କୁ ଗୁରୁ ମନ୍ତ୍ରଣା ଦେଲେ ମଧ କର୍ମୀ ବିଶ୍ୱାସ ଭାଜନ ନହେବା ଏବଂ ଅସନ୍ତୁଷ୍ଟ ହୋଇ ବିଜେପି ରେ ମିଶୁଥିବା ବେଳେ ବିଜେଡି ରଣନୀତି ଫେଲ ମାରିବା ଘଟଣା ରାଜନୀତି ମହଲ ରେ ଚର୍ଚ୍ଚା ର ବିଷୟ ହୋଇଛି !

# ଲଗାଣ ବର୍ଷାରେ ଧସିଲା ପୋଲ ମାଟି, ପ୍ରଶାସନ ଦୃଷ୍ଟି ଦେବାକୁ ବୁଦ୍ଧିଜୀବି ମହଲରୁ ଦାବି

ଖଜୁରୀପଡ଼ା : କନ୍ଧମାଳ ଜିଲ୍ଲାର ଖଜୁରୀପଡ଼ା ବ୍ଲକ ଅନ୍ତର୍ଗତ ଦଳପଡା




ପଞ୍ଚାୟତ ବାଦେରୀ ପାଙ୍କୁ ଘାଇ ଠାରେ ନିର୍ମିତ ହୋଇଥିବା ପୋଲ ପାଖରେ ଲଗାଣ ବର୍ଷା ହେବାରୁ ମାଟି ଖସିଥିବା ଦେଖିବାକୁ ମିଳିଛି । ଏହାର ପ୍ରଭାବରେ ଦଳପଡା ପଞ୍ଚାୟତ ଅଞ୍ଚଳର ଲୋକ ମାନେ ଖଜୁରୀପଡ଼ା ମୁଖ୍ୟାଳୟକୁ ଲକ୍ଷ୍ମୀ ବସ୍, କିମ୍ବା ଅଟୋ, ବାଇକ୍ , ସାଇକେଲ ମଧରେ ଯିବା ଆସିବା କରିବାପାଇଁ ଭୟ କରୁଛନ୍ତି । କାରଣ କେତେବେଳେ ମାଟି ଖସିଯିବା ସହିତ ପୋଲ ଭାଙ୍ଗି ଦୁର୍ଘଟଣାରେ ପଡ଼ିବେ କହିହେବ ନାହିଁ । ଏଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଯଥାଶୀଘ୍ର ଏଥିରେ ପୋଲ ନିର୍ମାଣ ସହ କୁଟିବାରୀ ଠାରୁ ଦଳପଡା ପର୍ଯ୍ୟନ୍ତ ନିର୍ମାଣ ହୋଇଥିବା ପ୍ରଧାନ ମନ୍ତ୍ରୀ ସଡ଼କ ମରଣଯନ୍ତା ପାଲଟିଛି କିନ୍ତୁ ଏହି ବିଷୟରେ ଖବରକାଗଜ ମାଧ୍ୟମରେ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ ନିରବଦ୍ରଷ୍ଟା ସାଜିଛି ବିଭାଗୀୟ ଅଧିକାରୀ । ତେଣୁ ଏହି ପ୍ରଧାନ ମନ୍ତ୍ରୀ ସଡ଼କ ମରାମତି ସହ ପୋଲ ଓ ତଳ ପାର୍ଶ୍ୱରେ ୱାଲ ନିର୍ମାଣ କରିବା ପାଇଁ ଅଞ୍ଚଳର ବୁଦ୍ଧିଜୀବି ମହଲରୁ ଦାବି ହେଉଛି ।

# ସଳପ ଗଛ ଉପରୁ ପଡ଼ି ଯୁବକଙ୍କ ମୃତ୍ୟୁ




କନ୍ଧମାଳ : କନ୍ଧମାଳ ଜିଲ୍ଲାର ବାଲିଗୁଡ଼ା ଥାନା ଅନ୍ତର୍ଗତ ମିଡିଆକିଆ ପଞ୍ଚାୟତ ଲଦାମିଲା ଗାଁରେ ଜଣେ ଯୁବକଙ୍କ ଗଛରୁ ପଡ଼ି ମୃତ୍ୟୁ ଘଟିଛି। ଆଜି ସକାଳୁ ସକାଳୁ ଏଭଳି ଅଭାବନୀୟ ଘଟଣା ଘଟିଛି ଲଦାମିଲା ଗାଁରେ। ସୂଚନା ମୁତାବକ ସକାଳୁ ସକାଳୁ ଜଣେ ଆଦିବାସୀ ଯୁବକ ନଡେଙ୍ଗା ମଲିକ ସଳପ ଗଛରୁ ତାଡ଼ି(ରସ ) କାଢିବା ପାଇଁ ଗଛ ଉପରକୁ ଚଢୁଥିବ ସମୟରେ କୌଣସି କାରଣ ବଶତଃ ତଳେ ପଡ଼ି ଯାଇଥିଲା । ସଙ୍ଗେ ସଙ୍ଗେ ସ୍ଥାନୀୟ ଲୋକେ ତାଙ୍କୁ ଅଟୋ ଯୋଗେ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟକୁ ପହଞ୍ଚେଇ ଥିଲେ ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି । ପରିବାର ପକ୍ଷରୁ ବାଲିଗୁଡ଼ା ଥାନାରେ ଅଭିଯୋଗ ପରେ ବାଲିଗୁଡ଼ା ପୋଲିସ୍ ଏକ ମାମଲା ୨୫/୨୫ ରେ ରୁଜୁ କରି ମେଡିକାଲରେ ପହଞ୍ଚି ଶବ ବ୍ୟବଚ୍ଛେଦ ପାଇଁ ନିର୍ଦ୍ଦେଶ ଦେଇଥିବା ବେଳେ ଘଟଣା ସତ୍ୟା ସତ୍ୟ ଉପରେ ଅଧିକ ତଦନ୍ତ କରୁଥିବା ଜଣାପଡିଛି। ଅନ୍ୟ ପକ୍ଷରେ ଯଦି ଦେଖିବା ଆଜି ବି ରାଜ୍ୟର ବିଭିନ୍ନ ଜିଲ୍ଲା ସମେତ କନ୍ଧମାଳ ଜିଲ୍ଲାରେ ମଧ ଆଦିବାସୀ ଲୋକଙ୍କ ଶୀତ ଋତୁରେ ସଳପ ରସ (ତାଡ଼ି) ମାଦକ ଭାବେ ପାଇବା ପରମ୍ପରା ବଞ୍ଚି ରହିଛି। ଯାହା ଫଳରେ ଗଛରୁ ପଡ଼ି ମୃତ୍ୟୁ ଘଟିବା ଓ ଅତ୍ୟଧିକ ମଦ୍ୟ ପାନ ଜୀବନ ଚାଲିଯିବା ଦେଖିବାକୁ ମିଳିଛି।

# ଜଙ୍ଗଲ ଭିତରୁ ଭାଲୁର ମୃତଦେହ ଉଦ୍ଧାର

ବୌଦ୍ଧ : ବୌଦ୍ଧ ଜିଲ୍ଲାର ପୁରୁଣା କଟକ ବନାଞ୍ଚଳ ଚନ୍ଦ୍ର ଶେଖର ପୁର ଗ୍ରାମ ନିକଟସ୍ଥ ଜଙ୍ଗଲ ନିକଟରୁ ବୁଧବାର ସନ୍ଧ୍ୟା ରେ ଏକ ଭାଲୁର ମୃତଦେହ ଉଦ୍ଧାର ହେବା ନେଇ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ସ୍ଥାନୀୟ ଗ୍ରାମବାସୀମାନେ ଜଙ୍ଗଲ ମଝିରେ ମୃତ ଭାଲୁକୁ ଦେଖି ବନ ବିଭାଗକୁ ସୂଚନା ଦେଇଥିଲେ। ସୂଚନା ପରେ ପୁରୁଣାକଟକ ବନ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରି ମୃତ୍ୟୁ ର ତଦନ୍ତ କାର୍ଯ୍ୟ ଆରମ୍ଭ କରିଛି ବନ ବିଭାଗ ।ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ ଭାଲୁଟି ଦୁଇ ଦିନ ଆଗରୁ ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି । ମୃତ୍ୟୁର ସଠିକ କାରଣ ଏପର୍ଯ୍ୟନ୍ତ ଅସ୍ପଷ୍ଟ ରହିଥିଲେ ମଧ ବନ ବିଭାଗ ଭାଲୁର ଦେହକୁ ପୋଷ୍ଟମର୍ଟେମ ପାଇଁ ପଠାଇଛି। ରେଞ୍ଜ ଅଧିକାରୀ ଜୟନ୍ତ ଦାଶ ଙ୍କ କହିବା ଅନୁଯାୟୀ, ପୋଷ୍ଟମର୍ଟେମ ରିପୋର୍ଟ ଆସିଲେ ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ। ସ୍ଥାନୀୟ ଲୋକେ ଏହି ଘଟଣାକୁ ଦୁଃଖଜନକ ବୋଲି କହୁଥିବା ବେଳେ ବନ ବିଭାଗ ଅଧିକ ସଚେତନ ହେବା ଆବଶ୍ୟକ ବୋଲି ପଶୁ ପ୍ରେମୀ ଙ୍କ ଭିତରେ ଦାବି ହେଉଚି ! ଅନ୍ୟପଟେ ଗୋଟିଏ ପଟେ ବନ୍ୟପ୍ରାଣୀ ସପ୍ତାହ ପାଳନ ଚାଲିଥିବା ବେଳେ ଏପଟେ ବନ୍ୟପ୍ରାଣୀ ମୃତ୍ୟୁ କୁ ନେଇ ବିଭାଗର କାର୍ଯ୍ୟ ଶୈଳୀ ଉପରେ ସାଧାରଣ ରେ ଏକ ପ୍ରଶ୍ନ ଉଠୁଛି !

# ଘୋଡାହାଡ଼ ନଦୀରେ ଭାସିଗଲେ ବୃଦ୍ଧ, ଶବ ଉଦ୍ଧାର




ଦିଗପହଣ୍ଡି : ଦିଗପହଣ୍ଡି ବ୍ଲକ କଇଠଖଣ୍ଡି ପଞ୍ଚାୟତ ନୂଆଗଡ ଗ୍ରାମ ନିକଟରେ ପ୍ରବାହିତ ଘୋଡ଼ାହାଡ ନଦୀରେ ଭାସିଯାଇ ଜଣେ ବୃଦ୍ଧ ମୃତ୍ୟୁବରଣ କରିଛନ୍ତି ।ମୃତକ ଜଣକ ହେଲେ ନୂଆଗଡ ଗ୍ରାମର ଅରକ୍ଷିତ ପ୍ରଧାନ (୭୦)। ଅରକ୍ଷିତ ବୁଧବାର ସକାଳ ପ୍ରାୟ ୬ ଟାରେ କୌଣସି କାମରେ ନଦୀ ପାର ହୋଇ ଯାଉଥିବା ବେଳେ ଅସାବଧାନତା କାରଣରୁ ସେ ନଦୀର ପ୍ରଖର ସ୍ରୋତ ରେ ଭାସି ନିଖୋଜ ହୋଇଯାଇଥିଲେ। ଆଖପାଖରେ ଥିବା ଲୋକେ ତାଙ୍କୁ ନଦୀ ରୁ ଉଦ୍ଧାର କରିବାରେ ବିଫଳ ହେବାପରେ ଦିଗପହଣ୍ଡି ଦମକଳ ବାହିନୀକୁ ଖବର ଦେଇଥିଲେ ।ଦମକଳ କର୍ମଚାରୀ ମାନେ ଦୀର୍ଘ ଏକ ଘଣ୍ଟାର ପରିଶ୍ରମ ପରେ ନଦୀଗର୍ଭ ରୁ ତାଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରେ ଭର୍ତ୍ତି କରିଥିଲେ ।ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ସ୍କୁଲ ଖୋଲିଲା, କିନ୍ତୁ ଶିକ୍ଷା ନାହିଁ କି ମଧ୍ୟାହ୍ନ ଭୋଜନ ନାହିଁ




କନ୍ଧମାଳ : ଦଶହରା ଛୁଟି ପରେ ରାଜ୍ୟ ବ୍ୟାପି ଆଜି ସ୍କୁଲ ଖୋଲିଥିବା ବେଳେ ଆଜି କିଛି ସ୍କୁଲ ଆଜି ତାର ବ୍ୟତିକ୍ରମ ଦେଖ ବାକ ମିଳିଛି ।ବାଲିଗୁଡ଼ା ବ୍ଲକ୍ ସଲାଗୁଡ଼ା ପଞ୍ଚାୟତ ମେଲସିକିଆ ଆଶ୍ରମ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଆଶ୍ରମ ବିଦ୍ୟାଳୟ ଅନ୍ତେବାସୀର କୌଣସି ଛାତ୍ର ଛାତ୍ରୀ ଉପସ୍ଥାନ ନାହିଁ କି ଗାଁର ଡେସ୍କୋଲାର ପିଲା ମଧ ଆସିନଥିବା ସୂଚନା ରହିଛି। ଆଉ ଗୋଟେ କଥା ହେଲା ଆଜି ଗାଁର କୌଣସି ପିଲା ଆସି ନଥିବା ବେଳେ ପ୍ରଧାନ ଶିକ୍ଷକ କିମ୍ବା ସ୍କୁଲ ଅନ୍ୟ ଶିକ୍ଷକ ମାନେ ପିଲାଙ୍କୁ ଡାକିବା କଥା କିନ୍ତୁ ସେୟା ମଧ ହୋଇ ପାରି ନଥିଲା। ଆଜି ସେଇ ଗାଁର ଛାତ୍ର ଛାତ୍ରୀ ଆଜି ଶିକ୍ଷା ଓ ପୁଷ୍ଟିକର ଖାଦ୍ୟରୁ ମଧ ବଞ୍ଚିତ ହୋଇଥିବା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ସରକାରଙ୍କ ଶିକ୍ଷା ବିଭାଗ ପକ୍ଷରୁ ଦଶହରା ଛୁଟି ପରେ ଆଜି ସ୍କୁଲ ଖୋଲିଛି।

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

# ଖେଳ ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

Bhubaneswar Sunday October 12 ଭୁବନେଶ୍ୱର ରବିବାର, ୧୨, ୨୦୨୫ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com 

## ଜଗନ୍ନାଥ ଟ୍ରକ୍ ମାଲିକ ସଂଘରେ ପୁଣି ବିବାଦ- ସମ୍ପାଦକଙ୍କ ଦୂର୍ନିତୀ ବିରୁଦ୍ଧରେ ଧାରଣା ଦେଲେ ସଦସ୍ୟ



ପାରାଦୀପ,(ପି.ଏନ): ପାରାଦୀପର ଅନ୍ୟତମ ଧନାଢ୍ୟ ଟ୍ରକ୍ ମାଲିକ ସଂଘ ଜଗନ୍ନାଥ ଟ୍ରକ୍ ମାଲିକ ସଂଘର ବିବାଦ ହାଟରେ ପଡି ଦାଣ୍ଡରେ ଗଡଗଡଉଛି । ସଂଘରେ ବ୍ୟାପକ ଅନିୟମିତତା ନେଇ ସଦସ୍ୟମାନେ ବାରମ୍ବାର ଦାବୀ କରି ଆସୁଛନ୍ତି । ଶନିବାର ଦିନ ପୁଣି ସାନି ବିବାଦ ଓ ଧାରଣା ଦେଖିବାକୁ ମିଳିଛି । ସଂଘରେ କର୍ମକର୍ତାଙ୍କ ଦ୍ୱାରା ବ୍ୟାପକ ଦୂର୍ନିତୀ ଓ ହରିଲୁଟ୍‌ର ତଦନ୍ତ ଦାବୀ କରିବା ସହିତ ସମ୍ପାଦକଙ୍କ ଇସ୍ତଫା ଦାବୀରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣାରେ ବସିଛନ୍ତି ଶତାଧିକ ସଦସ୍ୟ । ସଂଘରେ ନୂତନ ସଦସ୍ୟ ସଂଗ୍ରହରେ ବ୍ୟାପକ ଅନିୟମିତା ନେଇ ସଦସ୍ୟମାନେ ଅଭିଯୋଗ କରିଛନ୍ତି । ଏଥି ସହିତ ବିନା ସିରିୟଲରେ ଗାଡି ଲୋଡିଙ୍ଗରେ ଦୂର୍ନିତୀ ହେବା ସହିତ ସଂଘ ଦ୍ୱାରା ପରିଚାଳିତ ଟ୍ରକ୍ ଟାୟାର ବ୍ୟବସାୟରେ ମଧ୍ୟ ବହୁ ଅର୍ଥ ଆତ୍ମସାତ ହୋଇଥିବା ନେଇ ଅଭିଯୋଗ ହୋଇଛି । ସଂଘର ଅର୍ଥକୁ ଅନୈତିକ ଭାବେ ଖର୍ଚ୍ଚ କରିବା ସହିତ ହରିଲୁଟ୍‌ର ଅଭିଯୋଗ ଆଣିଛନ୍ତି ସଦସ୍ୟମାନେ । ଏସମ୍ପର୍କରେ ଜଗତସିଂହପୁର ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ଦାଖଲ କରିବା ସହିତ ଏହି ଘଟଣାରେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ ଲୋଡି ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଶାନ୍ତିପୂର୍ଣ୍ଣ ଧାରଣାରେ ବସିଛନ୍ତି ସଦସ୍ୟମାନେ । ସଂଘର ସଦସ୍ୟମାନେ ଲୋନ୍‌ରେ ଟ୍ରକ୍ ଆଣି ମାସିକ କିସ୍ତି ଦେଇ ପାରୁନାହାନ୍ତି । ଯାହା ଫଳରେ ଅର୍ଥ ଲଗାଣକାରୀ ସଂସ୍ଥା ଟ୍ରକ୍‌କୁ ନିଜ ଅକ୍ତିୟାରକୁ ନେଇ ଯାଉଛନ୍ତି । ସଦସ୍ୟମାନଙ୍କୁ ଟ୍ରକ୍ ଲୋଡିଙ୍ଗ ସ୍ଲିପ୍ ଯୋଗାଣରେ ବ୍ୟାପକ ଅନିୟମିତତା ହେଉଥିବା ନେଇ ଜିଲ୍ଲାପାଳଙ୍କୁ ଦାବୀପତ୍ରରେ ଜଣାଇଛନ୍ତି । ଲୋଡିଂ ସ୍ଲିପ୍ ଯୋଗାଣରେ ସଂଘରେ ବ୍ୟାପକ ପକ୍ଷପାତିତା ହେଉଛି । ଯାହାଫଳରେ ସଦସ୍ୟମାନେ ମାନସିକ ଚାପରେ ରହୁଥିବା ନେଇ ଦାବୀପତ୍ରରେ ଉଲ୍ଲେଖ ରହିଛି । ସଂଘର କର୍ମକର୍ତାମାନେ ଟ୍ରାନ୍ସପୋର୍ଟରଙ୍କ ସହିତ ମଧୁଚନ୍ଦ୍ରିକା କରି ପ୍ରୟାପ୍ରିତୀ ତୋଷଣ କରି ଲୋଡିଂ ସ୍ଲିପ୍ ପ୍ରଦାନ କରାଯାଉଥିବା ନେଇ ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଛି । ଏପରିକି ଗତ ୮ ଓ ୯ତାରିଖରେ ଦୁଇ ଗୋଟି ଟ୍ରକ୍‌ର ସିରିୟଲ ନଥାଇ କିଭଳି ଭାବେ ଲୋଡିଙ୍ଗ ଚାଲଣ କରାଗଲା ସେନେଇ ଅଭିଯୋଗ କରିଛନ୍ତି ଧାରଣାରେ ବସିଥିବା ସଦସ୍ୟମାନେ । ଯେ ପର୍ଯ୍ୟନ୍ତ ଦୂର୍ନିତୀଗ୍ରସ୍ତଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆ ନଯାଇଛି ସେ ପର୍ଯ୍ୟନ୍ତ ଶାଂିପୂର୍ଣ୍ଣ ଧାରଣା ଜାରୀ ରହିବ ବୋଲି ଧାରଣାରତମାନେ କହିଛନ୍ତି । ଏହି ଧାରଣାରେ ପୂର୍ବତନ ସଭାପତି ଛଇଳ ଚନ୍ଦ୍ର ଜେନା, ଶ୍ରୀରାମ ସ୍ୱାଇଁ,ପୂର୍ବତନ କାର୍ଯ୍ୟକାରୀ ସଭାପତି ଗୌତମ କୁମାର ନାୟକ, ଭଗବାନ ସ୍ୱାଇଁ, ମନୋଜ କୁମାର ସ୍ୱାଇଁ, ପ୍ରକାଶ ଚନ୍ଦ୍ର ଜେନା, ପୂର୍ବତନ କାର୍ଯ୍ୟକର୍ତା ମନୋଜ କୁମାର ବିଶ୍ୱାଳ ପ୍ରମୁଖ ଶତାଧିକ ସଦସ୍ୟ ଏହି ଧାରଣାରେ ବସିଛନ୍ତି ।

## ଅନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ ୨୦୨୫ ପାଳିତ



ଜଗତସିଂହପୁର,(ପି.ଏନ): ଆଜି ପୂର୍ବାହ୍ନରେ ଜଗତସିଂହପୁର ସଦର ମହକୁମା ସ୍ଥିତ ନିମାଇଁ ଭବନ ଠାରେ ଆନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ ଜିଲ୍ଲା ସମାଜ ମଙ୍ଗଳ ଉପବିଭାଗ ଜଗତସିଂହପୁର ଦ୍ୱାରା ପାଳିତ ହୋଇଯାଇଛି । ନୂଆ ଚେତନା ନୂଆ ଭାବନା ରେ ନୂଆ ସୃଜନର ଧ୍ୱଜା ଧାରିଣୀ ଆମ ଝିଅଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଓ ଶିକ୍ଷା ପାଇଁ ପ୍ରତିଶୃତି ବଦ୍ଧ ଓଡ଼ିଶା ସରକାରଙ୍କର ଏହା ଏକ ପ୍ରୟାସ ଅଟେ। ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଉପ ଜିଲ୍ଲାପାଳ ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ତରାଇ, ନିମନ୍ତ୍ରିତ ଅତିଥି ଭାବେ ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ଦିଲ୍ଲୀପ କୁମାର ଜେନା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଶ୍ରୀମତୀ ବିଷ୍ଣୁପ୍ରିୟା ସେଠୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀଯୁକ୍ତ କାହ୍ନୁ ଚ଼ରଣ ରାଉତ, ଅବସର ପ୍ରାପ୍ତ ଶିକ୍ଷୟତ୍ରୀ ତଥା ଶିଶୁ ସାହିତ୍ୟିକା ଶ୍ରୀମତୀ ଜ୍ୟୋତିର୍ମୟୀ ମହାନ୍ତି ଓ ଅବସର ପ୍ରାପ୍ତ ବିଜ୍ଞାନ ପରିଦର୍ଶକ ଶ୍ରୀଯୁକ୍ତ ସୁଭାଷ ଚ଼ନ୍ଦ୍ର ରାଉତ, ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, କ୍ଷେତ୍ର ପରିଦର୍ଶିକା ଆଦି ଯୋଗଦେଇ ଉପସ୍ଥିତ ଥିବା କିଶୋରୀ ବାଳିକା, ଅଙ୍ଗନବାଡ଼ି କର୍ମୀ, ଅଦ୍ୱିକା କିଶୋରୀମାନଙ୍କୁ ଉଦବୋଧନ ପ୍ରଦାନ କରିଥିଲେ। ବାଲ୍ୟ ବିବାହ ନିରୋଧ, କନ୍ୟା ଭ୍ରୁଣ ହତ୍ୟାରୁ ନିବୃତ ରହିବା ଝିଅ ମାନଙ୍କୁ ଶିକ୍ଷିତ କରିବା, ସ୍ୱାଧୀନତା ଓ ସୁରକ୍ଷା ପ୍ରଦାନ କଲେ ସେମାନେ ସମାଜରେ ଉପଯୁକ୍ତ ସମ୍ମାନର ଅଧିକାରିଣୀ ହେବା ସହିତ ସୁସ୍ଥ ଓ ବିକଶିତ ସମାଜ ଗଠନରେ ସହାୟକ ହୋଇପାରିବେ ବୋଲି ମତ ପ୍ରକାଶ କରିଥିଲେ ।ପ୍ରଥମେ ବିଭିନ୍ନ ବ୍ଲକ ରୁ ଆସିଥିବା କିଶୋରୀ ବାଳିକାମାନଙ୍କ ମଧରେ ଚ଼ିତ୍ରାଙ୍କନ, ଜଣା ଅଜଣା, ସଙ୍ଗୀତ ନୃତ୍ୟ ଇତ୍ୟାଦି ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇଥିଲା । ପରିଶେଷରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ରେ DSWO,HUB, MAMATA, POSHANA, One stop centre ର କର୍ମ କର୍ତ୍ତା ମାନେ ଉପସ୍ଥିତରହି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ ଓ ସର୍ବ ଶେଷରେ ସୁରକ୍ଷା ଅଧିକାରିଣୀ ଶ୍ରୀମତୀ ରମଣୀ ଲାକ୍ରା ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ଜାତୀୟ ସବୁଜ ହାଇଡ୍ରୋଜେନ୍ ମିଶନ- ପାରାଦୀପ ବନ୍ଦରକୁ ମିଳିଲା ହାଇଡ୍ରୋଜେନ ହବ୍‌ର ମାନ୍ୟତା



ପାରାଦୀପ,(ପି.ଏନ): ଭାରତ ସରକାରଙ୍କ ଜାତୀୟ ସବୁଜ ହାଇଡ୍ରୋଜେନ୍ ମିଶନ ଅଧୀନରେ ପାରଦୀପ ବନ୍ଦର କର୍ତୃପକ୍ଷଙ୍କୁ ଆନୁଷ୍ଠାନିକ ବାବେ ଏକ ସବୁଜ ହାଇଡ୍ରୋଜେନ୍ ହବ୍ ଭାବରେ ସ୍ୱୀକୃତି ମିଳିଛି । ପାରାଦୀପ ବନ୍ଦର କର୍ତୃପକ୍ଷଙ୍କୁ ବର୍ତମାନ ଏକ ସବୁଜ ହାଇଡ୍ରୋଜେନ୍ ହବ୍ ଭାବରେ ନାମିତ କରାଯାଇଛି । ଏହାକୁ ଭାରତର ସ୍ୱଛ ଶକ୍ତି ଏବଂ ଡିକାର୍ବୋନାଇଜେସନ୍ ପ୍ରୟାସର ଅଗ୍ରଭାଗରେ ସ୍ଥାନିତ କରାଯାଇଛି । ନୂତନ ଏବଂ ନବୀକରଣ ଶକ୍ତି ମନ୍ତ୍ରଣାଳୟ ନିର୍ଦ୍ଦେଶାବଳୀ ଅଧିନରେ ଏହି ସ୍ୱୀକୃତି ପାରାଦୀପ ବନ୍ଦରକୁ ମିଳିଛି କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଯୋଜନାରୁ ପ୍ରୋତ୍ସାହନ ଏବଂ ଲାଭ ପାଇବା ପାଇଁ ହବ୍‌ରେ ପ୍ରକଳ୍ପଗୁଡିକୁ ସକ୍ଷମ କରିଥାଏ । ସବୁଜ ହାଇଡ୍ରୋଜେନ୍ ହବ୍ ହାଇଡ୍ରୋଜେନ୍ ଉତ୍ପାଦନ, ସଂରକ୍ଷଣ, ପରିବହନ ଏବଂ ଶେଷ-ବ୍ୟବହାର ପ୍ରୟୋଗ ପାଇଁ ସମନ୍ୱିତ କେନ୍ଦ୍ର ଭାବରେ କାର୍ଯ୍ୟ କରିବ । ପାରାଦୀପ ବନ୍ଦର ରଣନୈକ ସ୍ଥାନ ଏବଂ ବର୍ତମାନର ଭିତିଭୂମିକୁ ବଡ ପରିମାଣର ହାଇଡ୍ରୋଜେନ୍ ଉତ୍ପାଦନ ଏବଂ ରପ୍ତାନୀ କରିବାକୁ ସାମର୍ଥ୍ୟ ହୋଇ ପାରିବ । ଏହି ପଦକ୍ଷେପ ଭାରତକୁ ସବୁଜ ହାଇଡ୍ରୋଜେନ୍ ଉତ୍ପାଦନ, ବ୍ୟବହାର ଏବଂ ରପ୍ତାନୀ ପାଇଁ ଏକ ବିଶ୍ୱବ୍ୟାପୀ ହବ୍ କରିବା ପାଇଁ ଜାତୀୟ ସବୁଜ ହାଇଡ୍ରୋଜେନ୍ ମିଶନର ଲକ୍ଷ୍ୟ ସହିତ ପାରାଦୀପ ବନ୍ଦର ଭାରତର ସ୍ଥାୟୀ ଅଭିବୃଦ୍ଧି, ସ୍ୱଛ ଶକ୍ତି ଗ୍ରହଣ ଏବଂ ସାମୁଦ୍ରିକ ନେତୃତ୍ୱାଧିନ ଆର୍ଥିକ ବିକାଶରେ ଯୋଗ ଦାନ କରି ପାରିବ । ଏହି ମାନ୍ୟତା ମିଳିବା ପରେ ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ.ହରନାଦ କହିଚନ୍ତି ଏକ ସବୁଜ ହାଇଡ୍ରୋଜେନ୍ ହବ୍ ଭାବରେ ମାନ୍ୟତା ପାଇବା ପାଇଁ ଆମେ ସମନ୍ୱିତ ଦେଶର ସ୍ୱଛ ଶକ୍ତି ପରିବର୍ତନକୁ ସମର୍ଥନ କରିବା ଏବଂ ଭାରତର ଡିକାର୍ବନାଇଜେସନ୍ ଯାତ୍ରାରେ ଯୋଗ ଦେବା ପାଇଂ ପାରାଦୀପ ବନ୍ଦର ଏହାର ଭି ିଭୂମି ଏବଂ ରଣନୈତିକ ସମ୍ମାନିତ ଦେଶର ସ୍ୱଛ ଶକ୍ତି ପରିବର୍ତନକୁ ସମର୍ଥନ କରିବା ଏବଂ ଭାରତର ଡିକାର୍ବନାଇଜେସନ୍ ଯାତ୍ରାରେ ଯୋଗଦାନ ଦେବା ପାଇଁ ପାରାଦୀପ ବନ୍ଦର ଏହାର ଭି ିଭୂମି ଉବଂ ରଣନୈତିକ ସ୍ଥାନକି ବ୍ୟବହାର କରିବ ।

## ଓପୋ ଇଣ୍ଡିଆ ପକ୍ଷରୁ ଏଫ୩୧ ୫ଜି ସିରିଜ ଉନ୍ମୋଚିତ

କଟକ,(ପି.ଏନ): ଓପୋ ଇଣ୍ଡିଆ ନୂତନ ଏଫ୩୧ ୫ଜି ସିରିଜ୍ ଉନ୍ମୋଚନ କରିଛି, ଯାହାକି ଭାରତର କଠୋର ପରିବେଶ ପାଇଁ ବିଶେଷ ଭାବରେ ଡିଜାଇନ୍ କରାଯାଇଛି । ଏଫ୩୧ ପ୍ରୋ ପ୍ଲସ୍, ଏଫ୩୧ ପ୍ରୋ, ଏବଂ ଏଫ୩୧ ନେଇ ଗଠିତ ଏହି ସିରିଜକୁ ଚରମ ସ୍ଥାୟିତ୍ୱ, ତାପ ପରିଚାଳନା, ଏବଂ ପାଂଚ ବର୍ଷ ଧରି ଚାଲିବା ପାଇଁ ଉନ୍ନତ ୭,୦୦୦ ଏମଏଏଚ୍ ବ୍ୟାଟେରୀ ଉପରେ ଧ୍ୟାନ ଦେଇ ତିଆରି କରାଯାଇଛି । ୩୫,୦୦୦ ଟଙ୍କାରୁ କମ ମୂଲ୍ୟରେ ଉପଲବ୍ଧ ଏହି ସ୍ମାର୍ଟଫୋନ୍ ଗୁଡିକ ମଧ୍ୟମ ବର୍ଗରେ ସବୁଠାରୁ ବିଶ୍ୱସନୀୟ ଏବଂ ସୁଗମ ପ୍ରଦର୍ଶନ ପ୍ରଦାନ କରିବ । ଏହି ଫୋନଗୁଡିକରେ ୩୬୦ ଡିଗ୍ରି ଆର୍ମର ବଡି ଏବଂ ଧୂଳି, ଜଳ ନିରୋଧୀ ଏବଂ ଉଚ୍ଚଚାପ ଜେଟ୍ ପାଣିରୁ ସୁରକ୍ଷା ପ୍ରାଇଁ ଟ୍ରିପଲ୍ ଆଇପି ରେଟିଂ ରହିଛି । ଚା, କଫି ଭଳି ତରଳ ପଦାର୍ଥରୁ ମଧ୍ୟ ଏହା ସୁରକ୍ଷିତ । ୪୩ ଡିଗ୍ରି ସେଲସିୟସ ଯାଏଁ ତାପମାତ୍ରାରେ ମଧ୍ୟ ଓଭରହିଟିଂ ରୋକିବା ପାଇଁ ଉନ୍ନତ ଥର୍ମଲ୍ ସିଷ୍ଟମ୍ ଯୋଗୁଁ ଡେଲିଭରି ରାଇଡର୍ କିମ୍ବା ଦୋକାନୀମାନଙ୍କ ପାଇଁ ମଧ୍ୟ ପ୍ରଦର୍ଶନ ସୁଗମ ରହିବ । ସ୍ନାପଡ୍ରାଗନ୍ ଏବଂ ଡାଇମେନ୍ସିଟି ଚିପସେଟରେ ଚାଲୁଥିବା ଏଫ୩୧ ସିରିଜ୍ କଲରଓଏସ୍ ୧୫ ସହିତ ଛଅ ବର୍ଷର ସୁଗମ ପ୍ରଦର୍ଶନ ପ୍ରତିଶ୍ରୁତି ପ୍ରଦାନ କରୁଛି । ଶ୍ରେଷ୍ଠ କନେକ୍ଟିଭିଟି ପାଇଁ ହଂଟର ଆଣ୍ଟେନା ୨.୦, ୫୦ଏମପି ଏଆଇ କ୍ୟାମେରା ସିଷ୍ଟମ୍, ଏବଂ ୮୦ଡବ୍ଲୁ ଫାଷ୍ଟ ଚାର୍ଜିଂ ଆଦି ଅନ୍ୟାନ୍ୟ ମୁଖ୍ୟ ବିଶେଷତା ରହିଛି । ୨୨,୯୯୯ ଟଙ୍କାରୁ ଆରମ୍ଭ କରି ଏହି ଫୋନ୍ ଗୁଡିକ ସେପ୍ଟେମ୍ବର ୧୯ ରୁ ଉପଲବ୍ଧ ହେବ।

## ଶ୍ରମିକ ନେତା ସନ୍ତୋଷ କୁମାର ପଟ୍ଟନାୟକଙ୍କୁ ପୁର୍ନବାର ମିଳିଲା ବିଜୁ ଜନତା ଦଳର ରାଜ୍ୟ ସମ୍ପାଦକ ଦାୟିତ୍ୱ



ପାରାଦୀପ,(ପି.ଏନ):ପାରଦୀପ ତଥା କୁଜଙ୍ଗ ଅଂଚଳର ବିଶିଷ୍ଟ ଶ୍ରମିକନେତା ସନ୍ତାଷ କୁମାର ପଟ୍ଟନାୟକଙ୍କୁ ପୁର୍ନବାର ବିଜୁ ଜନତା ଦଳର ରାଜ୍ୟ ସମ୍ପାଦକ ଭାବେ ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କୁ ନିଯୁକ୍ତି ଦେଇଛନ୍ତି । ଏହି ନିଯୁକ୍ତି ପାଇବା ପରେ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ, ରାଜ୍ୟର ସଫଳତମ ପୂର୍ବତନ ମୁଖ୍ୟମନ୍ତ୍ରୀ, ବିରୋଧୀ ଦଳନେତା ତଥା ରାଜ୍ୟ ସଭାପତି ନବୀନ ପଟ୍ଟନାୟକ ତାଙ୍କ ଉପରେ ଆସ୍ଥା ପ୍ରକଟ କରି ପୁର୍ନବର ରାଜ୍ୟ ସମ୍ପାଦକ ବାବେ ଦାୟିତ୍ୱ ଦେଇଥିବାରୁ ସେ ନବୀନଙ୍କୁ କୃତଜ୍ଞତା ଜଣାଇବା ସହିତ ଅଭିନନ୍ଦନ ଜଣାଇଛନ୍ତି । ତାଙ୍କୁ ଦଳ ଏବଂ ଦଳୀୟ ସଭାପତି ଯେଉଁ ଗୁରୁ ଦାୟିତ୍ୱ ଦେଇଛନ୍ତି ତାକୁ ସେ ନିଷ୍ଠାର ସହିତ ଦାୟିତ୍ୱ ନିର୍ବାହ କରିବେ । ଦଳକୁ ଶକ୍ତିଶାଳୀ କରିବା ପାଇଁ ସେ କାର୍ଯ୍ୟ କରିବେ ବୋଲି କହିଛନ୍ତି । ଏହି ଖବର ପ୍ରଚାରି ହେବା ପରେ ବିଜେଡି କର୍ମୀ ଓ ନେତା, ବିଭିନ୍ନ ସଙ୍ଗଠନର କର୍ମକର୍ତାମାନେ ଶ୍ରୀ ପଟ୍ଟନାୟକଙ୍କୁ ବେଟି ଶୁଭେଚ୍ଛା ଜଣାଛନ୍ତି ।

## ରୟାଲ ଷ୍ଟାଗ ପ୍ୟାକେଜଡ ଡ୍ରିଙ୍କିଙ୍ଗ ୱ୍ୱାଟର ପକ୍ଷରୁ ଉତ୍ସବ ଅଭିଯାନର ଶୁଭାରମ୍ଭ

କଟକ,(ପି.ଏନ) : ସୀଗ୍ରାମର ରୟାଲ ଷ୍ଟାଗ୍ ପ୍ୟାକେଜଡ଼୍ ଡ୍ରିଙ୍କିଙ୍ଗ ୱାଟର ଏହାର ଉତ୍ସବ ଅଭିଯାନ, ହାସଟ୍ୟାଗ ସେଲିବ୍ରେଟ୍ ଲାର୍ଜ- ହମ୍ ହେ ଜେନେରେସନ ଲାର୍ଜ, ହମାରା ହର ସେଲିବ୍ରେସନ ଲାର୍ଜର ଶୁଭାରମ୍ଭ ଘୋଷଣା କରିଛି । ବ୍ରାଣ୍ଡର ପ୍ରେରଣାଦାୟକ ଜେନେରେସନ ଲାର୍ଜ ଦର୍ଶନ ଉପରେ ଆଧାରିତ, ଏହି ବର୍ଷର ଅଭିଯାନ ଏକ ଟେକ୍-ଅଗ୍ରଗାମୀ, ଏଆଇ-ନେତୃତ୍ୱାଧୀନ ଅଭିଜ୍ଞତାକୁ ଉନ୍ମୋଚନ କରିଛି ଯାହା ବ୍ରାଣ୍ଡର ଲିଭ୍ ଇଟ୍ ଲାର୍ଜ ଦର୍ଶନ ସହିତ ଯୁବ ପିଢ଼ିର ଆଗ୍ରହକୁ ଆକର୍ଷଣୀୟ ଭାବରେ ଉପସ୍ଥାପିତ କରୁଛି । ରିଜେନେରେଟିଭ ଏଆଇ ଏବଂ ଉନ୍ନତ ଭଏସ ସିନ୍ଥେସିସର ବ୍ୟବହାର କରି, ରୟାଲ ଷ୍ଟାଗ୍ ର ନୂତନ ଉତ୍ସବ ଅଭିଜ୍ଞତା ପ୍ରଶଂସକମାନଙ୍କୁ ରୋହିତ ଶର୍ମାଙ୍କ ସହିତ ବ୍ୟକ୍ତିଗତ ଭିଡିଓ ଶୁଭେଚ୍ଛା ସୃଷ୍ଟି କରିବାକୁ ସୁଯୋଗ ଦେଉଛି । ଏକ ଅର୍ଗାନିକ୍ କନଭର୍ସେସନାଲ ଫର୍ମାଟରେ ଏହାକୁ ପ୍ରସ୍ତୁତ କରାଯାଇଛି । ଏହି ଅଭିଯାନ ଭାରତର ଟି୨୦ ଅଧିନାୟକ-ସୂର୍ଯ୍ୟ କୁମାର ଯାଦବଙ୍କଠାରୁ ବିଶେଷଜ୍ଞ ଭାବରେ ସଂଗୃହୀତ ପରାମର୍ଶ ମଧ ପ୍ରଦାନ କରୁଛି ।

## କୋରଡେଟ୍‌ର ୪୮ତମ ପ୍ରତିଷ୍ଠା ଦିବସ ଓ କୃଷକ ସମାବେଶ ଆୟୋଜିତ



ପାରାଦୀପ,(ପି.ଏନ): କୋରଡେଟ୍‌ର ୪୮ତମ ପ୍ରତିଷ୍ଠା ଦିବସ ଇଫକୋ ପରିସରରେ ଆୟୋଜିତ ହୋଇଯାଇଛି । ବିଶ୍ୱର ସର୍ବବୃହ ସମବାୟ ଭିତିକ ସାର ଉତ୍ପାଦନକାରୀ ସଂସ୍ଥା ଇଫକୋ ପାରାଦୀପ ଓ କୋଟଡେଟ୍ ମିଳିତ ଭାବେ ଏହି କାର୍ଯ୍ୟକ୍ରମର ଆୟୋଜନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଇଫକୋ ୟୁନିଟ୍ ହେଡ୍ ପି.କେ.ମହାପାତ୍ର ଉଦଘାଟନ କରିଥିଲେ । ଦେଶର ଆଗାମୀ ପିଢି ପାଇଁ ଇଫକୋର ନାନୋ ଫର୍ଟିଲାଇଜର ବେଶ୍ ଉପଯୋଗୀ ହେବ । ଉଭୟ ଜଳବାୟୁ, ପରିବେଶ ଓ ମୃର୍ତିକା ପାଇଁ ଇଫକୋ ନାନୋ ଫର୍ଟିଲାଇଜର କୃଷକମାନଙ୍କ ପାଇଁ ଆର୍ଥିକ ଓ ପରିବେଶ ସୁରକ୍ଷା ଦେଇ ପାରୁଛି ବୋଲି ମୁଖ୍ୟଅତିଥି ଶ୍ରୀ ମହାପାତ୍ର କହିଥିଲେ । ସମାରୋହରେ ଅନ୍ୟତମ ଅତିଥି ଭାବେ ଓୟୁଏଟିର ପ୍ରଫେସର ଡ. ଆର୍.ଏନ. ନାୟକ ଯୋଗ ଦେଇ ଓଡିଶାର ମୃର୍ତିକା ସମ୍ବନ୍ଧରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ । ଅନ୍ୟତମ ଅତିଥି ଭାବେ କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ର, କଟକର ବରିଷ୍ଠ ବୈଜ୍ଞାନିକ ଡ. ସଙ୍ଗୀତା ମହାନ୍ତି, ମହାକାଳପଡାର ବ୍ଲକ୍ କୃଷି ଅଧିକାରୀ ପ୍ରଦୋଶ କୁମାର ବେହେରା,କୁଜଙ୍ଗ ବ୍ଲକ୍ କୃଷି ଅଧିକାରୀ ସୀତାରନ୍‌ମାଳି ଦାସ ଯୋଗ ଦେଇଥିଲେ । ଇଫକୋର ମାର୍କେଟିଙ୍ଗ ବିଭାଗର କ୍ଷେତ୍ର ଅଧିକାରୀ ସନ୍ଧ୍ୟାରାଣି ବେହେରା ଯୋଗ ଇଫକୋ ପକ୍ଷରୁ କୃଷି ନିମନ୍ତେ ୭୫ଟି ଡ୍ରୋନ୍ ବଂଟନ କରାଯାଇଥିବା ନେଇ ସୂଚନା ଦେଇଥିଲେ । କୋରଡେଟ୍‌ର ଅଧକ୍ଷ କୁଳମଣି ମାଝୀ କୋରଡେଟ୍ କୃଷକ ସମାଜ ନିମନ୍ତେ ସର୍ବଦା କାର୍ଯ୍ୟ କରି ଆସୁଥିବା ନେଇ ସୂଚନା ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ଜୟନ୍ତ ଜେନା ପରିଚାଳନା କରିଥିଲେ । ଅନ୍ୟତମ ଅତିଥି ଭାବେ ନାନୋର ସାଧାରଣ ପ୍ରବନ୍ଧକ ଏସ.ପି.ରଥ, ଯୁଗ୍ମ ପ୍ରବନ୍ଧକ ବି.କେ.ମିଶ୍ର, ମୁଖ୍ୟ ପ୍ରବନ୍ଧକ ରାକେଶ ପାଣ୍ଡେ, ଲୋକ ସମ୍ପର୍କ ଅଧିକାରୀ ଡ. ପ୍ରସନ୍ନ କୁମାର ବେଉରା ଯୋଗ ଦେଇଥିଲେ । ୨୫୦ ଜଣ କୃଷକ ଏହି ସମାବେଶରେ ଯୋଗ ଦେଇଥିଲେ । ଏହି କୃଷକମାନଙ୍କୁ ଇଫକୋ ପକ୍ଷରୁ ନାନୋ ଫର୍ଟିଲାଇଜର ବଂଟନ କରାଯାଇଥିଲା ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray